ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.114 Bhubaneswar Friday June 09 2023 | ୨୬ତମ ବର୍ଷ | ସଂଖ୍ୟା-୧୧୪ | ଭୁବନେଶ୍ୱର, ଶୁକ୍ରବାର, ଜୁନ ୦୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ପ୍ରଯୋଜକ ଟୁଟୁ ନାୟକଙ୍କ ବିରୁଦ୍ଧରେ କାଷ୍ଟିଂ କାଉଚ୍ ଅଭିଯୋଗ

ଭୁବନେଶ୍ୱର,୮।୬(ପି.ଏନ): ଓଲିଉଡରେ ପୁଣିଥରେ କାଷ୍ଟିଂ କାଉଚ୍ ଅଭିଯୋଗ ଆସିଛି । ଓଡିଆ ଫିଲ୍ମ ପ୍ରଯୋଜକ ସଞ୍ଜୟ ନାୟକ ଓରଫ ଟୁଟୁ ନାୟକଙ୍କ ବିରୁଦ୍ଧରେ ପ୍ରତିଷ୍ଠିତ ଅଭିନେତ୍ରୀ ପ୍ରକୃତି ମିଶ୍ର ଆଜି ସିଧାସଳଖ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିବା ସହ ଅନେକ ନବାଗତା ଝିଅଙ୍କୁ ସେ ଶୋଷଣ କରିଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ଚାଂଚଲ୍ୟକର ବୟାନ ଦେଇଛନ୍ତି । ଫିଲ୍ମରେ କାମ ଦେବାର ପ୍ରଲୋଭନ ଦେଖାଇ ଅନେକ ନବାଗତ ଝିଅଙ୍କୁ ଟୁଟୁ ନାୟକ ଶୋଷଣ କରିଛନ୍ତି ତଥା ତାଙ୍କ ସହ ଜଡିତ ବହୁ ଅଭିନେତା ଓ ଲୋକ ମଧ୍ୟ ଏଥିରେ ସମ୍ପୃକ୍ତ ବୋଲି ପ୍ରକୃତି ଅଭିଯୋଗ କରିଛନ୍ତି । ଆଜି ଗଣମାଧ୍ୟମ ସମ୍ମୁଖରେ ପ୍ରଯୋଜକ ଟୁଟୁ



ନାୟକଙ୍କୁ ସିଧାସଳଖ କଡା ସମାଲୋଚନା କରି ପ୍ରକୃତି କହିଛନ୍ତି ଯେ, ନବାଗତା ଝିଅମାନଙ୍କୁ ଫିଲ୍ମରେ ଅଭିନୟ କରିବାର ପ୍ରଲୋଭନ ଦେଖାଇ ତଥାକଥିତ ଫିଲ୍ମ ପ୍ରଯୋଜକ ଶ୍ରୀ ନାୟକ ସେମାନଙ୍କର ଶୋଷଣ କରିଛନ୍ତି । ଫିଲ୍ମରେ ଅଭିନୟ ଆଶାୟୀ ଅନେକ ଝିଅ ଖରାପ ବ୍ୟବହାରର ଶିକାର ହୋଇଛି । ପୀଡିତା ଝିଅମାନେ କିଭଳି ଟୁଟୁ ନାୟକଙ୍କ ଶୋଷଣର ଶିକାର ହୋଇଛନ୍ତି ଏନେଇ ତାଙ୍କୁ ମେସେଜ୍ ମଧ୍ୟ କରିଛନ୍ତି । ଟୁଟୁ ନାୟକ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଅଭ୍ୟାସଗତ ଶୋଷଣକାରୀ ଓ ସବୁବେଳେ ନୂଆ ଝିଅମାନଙ୍କୁ ଟାର୍ଗେଟ୍ କରିଥାନ୍ତି । ଓଡିଆ ଇଣ୍ଡଷ୍ଟ୍ରିରେ କାଷ୍ଟିଂ କାଉଚ୍‌ର ଶିକାର ସେ ନିଜେ ହୋଇନଥିଲେ ମଧ୍ୟ ଟୁଟୁ ନାୟକ କିଭଳି ନବାଗତ ଝିଅମାନଙ୍କୁ ଶୋଷଣ କରନ୍ତି ତାହା ସମସ୍ତେ ଜାଣିଛନ୍ତି ବୋଲି ପ୍ରକୃତି କହିଛନ୍ତି । ଏପରିକି ତାଙ୍କ ସହ ଅତୀତ ଏକ ଦୁଃଖଦ ଘଟଣାବେଳେ ଟୁଟୁ ନାୟକ ନିଜେ କହିଥିଲେ ଯେ, ଭଲ ପୁଅମାନଙ୍କୁ ଫସାଇବା ଝିଅମାନଙ୍କ କାମ ।

## ଯୁକ୍ତ ୨ କଳାରେ ୭୮.୮୮ % ପାସ୍

ଭୁବନେଶ୍ୱର, ୮।୬(ପି.ଏନ): ପ୍ରକାଶ ପାଇଛି ଯୁକ୍ତ ୨ କଳା ରେଜଲ୍ଟ। ଏହାସହ ଭୋକେସନାଲ ପାଠ୍ୟକ୍ରମର ମଧ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଯୁକ୍ତ ୨ କଳାରେ ପାସ୍ ହାର ୭୮.୮୮ % ରହିଛି। ପାସ୍ ହାରରେ ପୁଅଙ୍କ ଠାରୁ ଝିଅ ଆଗରେ ଅଛନ୍ତି। ଝିଅଙ୍କ ପାସ୍ ହାର ୮୫.୬୬% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୭୦.୪୩% ରହିଛି। ଗୁରୁବାର ଦିନ ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଗଣଶିକ୍ଷା ସଚିବ ଅଶ୍ୱଥି ଏସ୍ ରେଜଲ୍ଟ ପୁସ୍ତିକାର ଉନ୍ମୋଚନ କରିଥିଲେ। ଛାତ୍ରଛାତ୍ରୀମାନେ ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ଏବଂ ସାମସ୍ ପୋର୍ଟାଲର ଇକ୍ସେସ୍ ରେ ସେମାନଙ୍କ ରେଜଲ୍ଟ ଜାଣିପାରିବେ ଏବଂ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଚଳିତ ବର୍ଷ କଳାରେ ମୋଟ ୨ ଲକ୍ଷ ୩୦ ହଜାର ୫୪୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ମୋଟ ୧ ଲକ୍ଷ ୮୧ ହଜାର ୮୬୯



ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୩୨, ୭୮୨ ଓ ୨ୟ ଶ୍ରେଣୀରେ ୩୨, ୪୬୧ ପିଲା ପାସ୍ କରିଛନ୍ତି। ସେହିପରି ତୃତୀୟ ଶ୍ରେଣୀରେ ସର୍ବାଧିକ ୧, ୧୬, ୧୭୯ ପିଲା ପାସ୍ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୮୪.୯୭% ପିଲା ପାସ୍ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ପାସ୍ ହାରରେ ସର୍ବନିମ୍ନ ୭୦.୭୪% ରହିଛି। ୩୦ଟି ହାୟର ସେକେଣ୍ଡାରୀ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ପାସହାର ୬୭.୪୮% ରହିଛି। ଧନ୍ଦାମୂଳକ ବିଷୟରେ ୫୦୮୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ୩୮୬୦ ଜଣ ପାସ୍ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ କନ୍ଧମାଳରେ ସର୍ବାଧିକ ପାସ୍ ହାର୍ ୮୯.୪୩% ଏବଂ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ପାସ୍ ହାର୍ ୩୯.୪୭% ରହିଛି। ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି। ଝିଅଙ୍କ ପାସ୍ ହାର ୭୧.୧୦% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୬୪.୨୩% ରହିଛି।

## କେରଳ ଛୁଇଁଲା ମୌସୁମୀ ବାୟୁ :ଏଥର ବିଳମ୍ବରେ ଓଡ଼ିଶା ପହଂଚିବ

ଭୁବନେଶ୍ୱର, ୮।୬(ପି.ଏନ): ମୌସୁମୀ ବାୟୁ ଆଜି କେରଳରେ ପ୍ରବେଶ କରିସାଛି । ହେଲେ ଏହା ଓଡ଼ିଶାକୁ ପ୍ରବେଶ କରିବାରେ ବିଳମ୍ବ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ , ଆଜି ମେ ?ସୁମୀ ବାୟୁ କେରଳରେ ପ୍ରବେଶ କରିଛି। ଆସନ୍ତା ୨ ଦିନ ମଧ୍ୟରେ ବଙ୍ଗୋପସାଗର, ଆରବ ସାଗରରେ ଅଧିକ ଅଂଚଳର ଆହୁରି ବ୍ୟାପକ ଅଂଚଳକୁ ବ୍ୟାପିବା ପରେ ମେ ?ସୁମୀ ବାୟୁ ସମଗ୍ର କେରଳ ଓ ତାମିଲନାଡୁ ସମେତ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତରେ ବିସ୍ତାରିତ ହେବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଉତ୍ତରପୂର୍ବ ଭାରତରେ ମଧ୍ୟ ପ୍ରବେଶ କରିବ ଏବଂ ପରେ ପରେ କେନ୍ଦ୍ରୀୟ ଭାରତ ଆଡ଼କୁ ଅଗ୍ରସର ହେବ।

ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ସାଧାରଣତଃ ୧୨ ତାରିଖ ପାଖାପାଖି ମେ ?ସୁମୀ ବାୟୁ ପ୍ରବେଶ କରିଥାଏ। ଏଥର ମେ ?ସୁମୀ ବାୟୁର କେରଳ ଆଗମନରେ ପ୍ରାୟ ଏକ ସପ୍ତାହ ବିଳମ୍ବ ଘଟିଛି। ଏବେ ମେ ?ସୁମୀ ଓଡ଼ିଶା ଆସିବା ବିଷୟରେ ପୂର୍ବାନୁମାନ କରାଯାଇନହିଁ। କିନ୍ତୁ, ଏଥର ବିଳମ୍ବରେ ଓଡ଼ିଶାକୁ ମୌସୁମୀ ବାୟୁ ଆସିବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି।

## ରାଜଧାନୀରେ କାଳବୈଶାଖୀର ତାଣ୍ଡବ

ଭୁବନେଶ୍ୱର, ୮।୬(ପି.ଏନ): ଗୁରୁବାର ଅପରାହ୍ଣ ରାଜଧାନୀରେ ତାଣ୍ଡବ ରଚିଛି କାଳବୈଶାଖୀ। ରାଜଧାନୀର ବିଭିନ୍ନ ଅଂଚଳରେ ଧୂଳି ଝଡ ପରେ ଘଡଘଡି ବିଜୁଳି ଏବଂ ପବନ ସହ ବର୍ଷା ହୋଇଛି। ପାଖାପାଖି ୪୫ ମିନିଟ୍ ଯାଏଁ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ବହୁ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିଥିବା ବେଳେ ଆଉ କେଉଁଠି ଗଛ ଡାଳ ଭାଙ୍ଗି ପଡିଥିଲା। କିଛି ସ୍ଥାନରେ ଗଛ ପଡି ଘରର ପାଚେରୀ ଓ ଗାଡି କ୍ଷତିଗ୍ରସ୍ତ ହୋଇଛି। ଗଛ ଡାଳ ପଡିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହିପରି ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଭର୍ତି ହୋଇଯାଇଥିଲା। ଫଳରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଅପରପକ୍ଷରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଅଜନ୍ତା ସର୍କସ୍ ର ଟେଂଟ ଉପୁଡି ପଡିଥିଲା। ତେବେ ପ୍ରବଳ ଖରାରେ ସିଝିଥିବା ରାଜଧାନୀବାସୀଙ୍କୁ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଗୁରୁବାର ଦିନ ସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ରାଜଧାନୀବାସୀ ସନ୍ତୁଳି ହୋଇଥିଲେ। କିନ୍ତୁ ଅପରାହ୍ନ ପ୍ରାୟ ସାଢେ ୪ ଟା ବେଳକୁ ହଠାତ୍ ଆକାଶରେ କଳାହାଣ୍ଡିଆ ମେଘ ମାଡି ଆସିଥିଲା। ଯିଏ ଯେଉଁଠି ଥିଲେ ଅଟକି ଯାଇଥିଲେ । କାରଣ, ବର୍ଷା-ପବନ ମାଡ଼ରେ ଗଛର ଡାଳ ଭାଙ୍ଗି ପଡୁଥିଲା । ବଡ଼ ବଡ଼ ଡାଳ ଭାଙ୍ଗିପଡ଼ିବାରୁ ରାସ୍ତାଘାଟରେ ଯାତାୟାତ ପ୍ରଭାବିତ ହୋଇଥିଲା।

## ପଦ ଛାଡିବାକୁ ୫ ଜିଲ୍ଲା ବିଜେଡି ସଭାପତିଙ୍କୁ ନିର୍ଦ୍ଦେଶ, ୭ ଜିଲ୍ଲାରେ ନୂଆ ମଙ୍ଗୁଆଳ ଖୁବଶୀଘ୍ର

ଭୁବନେଶ୍ୱର,୮।୬(ପି.ଏନ): ସାଧାରଣ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଥିବା ବିଜେଡି ନିଜର ୫ଜଣ ଜିଲ୍ଲା ସଭାପତିଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଛି । ଚଳିତମାସ ଶେଷ ସପ୍ତାହ ସୁଦ୍ଧା ପ୍ରାୟ ୭ଟି ସାଂଗଠନିକ ଜିଲ୍ଲାରେ ନୂଆ ଜିଲ୍ଲା ସଭାପତିଙ୍କୁ ଥଇଥାନ କରିବ । ନୂଆ ସଭାପତି ଚୟନ ପାଇଁ ଦଳ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି ।ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲା ସଂଗଠନଗୁଡିକ ସୁଦୃ? କରି ଦଳୀୟ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଏବଂ କିଛି ଅସନ୍ତୁଷ୍ଟ ନେତାଙ୍କୁ ଥଇଥାନ ଉଦ୍ଦେଶ୍ୟରେ ବିଜେଡି ଏବେ ନିଜର କିଛି ଜିଲ୍ଲା ସଭାପତିଙ୍କୁ ଦାୟିତ୍ୱମୁକ୍ତ କରିବାକୁ ଚାହିଁଛି । ଯେଉଁ ଜିଲ୍ଲା ସଭାପତିମାନେ ଏବେ



ବିଭିନ୍ନ ଜିଲ୍ଲାର ଦଳୀୟ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଜିଲ୍ଲା ସଭାପତି ପଦ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର, ରାଉରକେଲା ଓ ମୟୂରଭଞ୍ଜ ସଦର ସମେତ ମୋଟ ୩୩ଟି ସାଂଗଠନିକ ଜିଲ୍ଲା ଦାୟିତ୍ୱରେ ଦଳ ପକ୍ଷରୁ ୩୦ଜଣ ପର୍ଯ୍ୟବେକ୍ଷକଙ୍କୁ (ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ବାଦ୍ ଦେଇ) ନିଯୁକ୍ତି ଦିଆଯାଇଛି । ତେବେ ସେହି ବିଜେଡି ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରୁ ୫ଜଣ ଏବେ ବିଭିନ୍ନ ଜିଲ୍ଲା ସଭାପତି ଦାୟିତ୍ୱରେ ରହିଥିବାବେଳେ ଝାରସୁଗୁଡା ଓ ବରଗଡ ଜିଲ୍ଲା ବିଜେଡି ସଭାପତି ଦୀର୍ଘଦିନ ଧରି ଖାଲି ପଡିଛି ।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିନଥିଲେ ୨୩ରୁ ଜରିମାନା

ଭୁବନେଶ୍ୱର, ୮।୬(ପି.ଏନ): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇନଥିଲେ ମୋଟା ଅଙ୍କର ଦଣ୍ଡ ଗଣିବେ ଗାଡି ଚାଳକ। ଜୁନ୍ ୨୩ ତାରିଖରୁ ଏନେଇ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହେବ। ଯାଂଚ ବେଳେ ନମ୍ବର ପ୍ଲେଟ ଲାଗିନଥିବା ଗାଡ଼ି ଚାଳକଙ୍କର ଇ-ଚାଲାଣ କଟାଯିବ। ନିୟମ ଉଲ୍ଲଂଘନ ପାଇଁ ୫ ହଜାର କିମ୍ବା ୧୦ ହଜାର ଜରିମାନା ହେବ। ଏକ ପ୍ରେସ ନୋଟରେ ଅତିରିକ୍ତ ଟ୍ରାନ୍ସପୋର୍ଟ କମିଶନର୍ ଏବଂ ଏନଫୋର୍ସମେଂଟ ଲାଲମୋହନ ସେଠୀ(ସଡକ ସୁରକ୍ଷା) ଏନେଇ ଆଜି ସୂଚନା ଦେଇଛନ୍ତି ।ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଓଡ଼ିଶା ରେଜିଷ୍ଟ୍ରେସନ୍ ମାର୍କ ଥିବା ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଂଜୀକୃତ ହୋଇଥିବା ପୁରୁଣା ଯାନରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରସନ୍ ଲଗାଇବା ଅବଧି ୨୦୨୩ ଫେବ୍ରୁଆରି ୨୮ ତାରିଖରେ ଶେଷ ହୋଇଯାଇଛି। ଏହା ଦେଖାଯାଉଛି ଯେ, କିଛି ଗାଡ଼ି ଏଚ୍‌ଏସ୍‌ଆରପି ରେଜିଷ୍ଟ୍ରେସନ ପ୍ଲେଟ ନଲଗାଇ ରାସ୍ତାରେ ଚାଲୁଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଜୁନ୍ ୨୩ ତାରିଖ ଠାରୁ ବିନା ଏଚ୍‌ଏସ୍‌ଆରପି ନମ୍ବର ଥିବା ଗାଡ଼ିଗୁଡ଼ିକ ଚିହ୍ନଟ କରିବ ଏବଂ ଦଣ୍ଡବିଧାନ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ୍ କରିବ।

## ଜୁଲାଇ ୮ରେ ବେଙ୍ଗଲ ପଞ୍ଚାୟତ ନିର୍ବାଚନ, କାଲିଠୁ ନାମାଙ୍କନ



ପଶ୍ଚିମବଙ୍ଗ,୮।୬(ପି.ଏନ): ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ଆସନ୍ତା ଜୁଲାଇ ୮ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଆସନ୍ତାକାଲି ଠାରୁ ଜୁନ ୧୫ ଯାଏ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି ।ଜୁଲାଇ ୮ରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଜୁଲାଇ ୧୧ରେ ଗଣିତ ସହ ଫଳାଫଳ ପ୍ରକାଶ ପାଇବ। ନୂଆ କରି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ହୋଇଥିବା ରାଜୀବ ସିହ୍ନା ଗୁରୁବାର ବେଙ୍ଗଲରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତାରିଖ ଘୋଷଣା କରିଛନ୍ତି।

## ରାଜଧାନୀରେ ୧୦ ବର୍ଷ ପରେ ପଡିଥିଲା ଅଜନ୍ତା ସର୍କସ, ଶୋ’ ପୂର୍ବରୁ ଭାଙ୍ଗିପଡିଲା ୮୦ ଫୁଟର ବିଶାଳ ଟେଣ୍ଟ

ଭୁବନେଶ୍ୱର,୮।୬(ପି.ଏନ): ଦୀର୍ଘ ପ୍ରାୟ ୧୦ ବର୍ଷ ପରେ ରାଜଧାନୀ ଭୁବନେଶ୍ୱରକୁ ଫେରିଛି ଅଜନ୍ତା ସର୍କସ। ହେଲେ ଶୋ’ ଆରମ୍ଭରୁ ହିଁ ସର୍କସ କର୍ତ୍ତୃପକ୍ଷଙ୍କୁ କ୍ଷତି ସହିବାକୁ ପଡିଛି। ଆଜି ଅପରାହ୍ନରେ ଆସିଥିବା କାଳବୈଶାଖୀ ପ୍ରଭାବରେ ଏହି ସର୍କସ ୮୦ ଫୁଟ ଉଚ୍ଚ ଓ ବିଶାଳ ଟେଣ୍ଟ ଉଡାଇ ନେଇଥିଲା। ଟେଣ୍ଟ ଭୁଶୁଡିବା ଯୋଗୁ ତଳେ ଥିବା ଦର୍ଶକଙ୍କ ସିଟ୍ ଗୁଡିକ ଭାଙ୍ଗି ଯାଇଛି। ବିଜୁଳି ଖୁଣ୍ଟ ଉପୁଡି ପଡ଼ିଛି ଓ ତାର ଛିଡି ତଳା ପଡିଛି। ତେବେ ସୌଭାଗ୍ୟକୁ ଶୋ’ ଆରମ୍ଭ ପୂର୍ବରୁ ଅଘଟଣ ଘଟିଥିବାରୁ ଦର୍ଶକଙ୍କ ଜୀବନ ଅଳ୍ପକେ ରକ୍ଷା ପାଇଯାଇଛି। ରାଜଧାନୀ ପ୍ରଦର୍ଶନୀ ପଡିଆରେ ଆଜି ସନ୍ଧ୍ୟା ୭ଟାରେ ଏହାର ଶୋ ହେବାର ଥିଲା। ତେବେ ଟେଣ୍ଟ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଥିବାରୁ ଏହାକୁ ସଜାଡିବାକୁ ପ୍ରାୟ ୪ ଦିନ ଲାଗିବ ବୋଲି ସର୍କସ କମିଟି ସଦସ୍ୟ କହିଛନ୍ତି। ଆଜି ଶୋ ଦେଖିବାକୁ ପ୍ରାୟ ୩୦୦ ଲୋକ ଟିକେଟ ବୁକ୍ କରିଥିଲେ। ସୂଚନା ମୁତାବକ, ଏହି ସର୍କସ ଦୀର୍ଘ ପ୍ରତିକ୍ଷା ପରେ ଫେରିଥିଲେ ହେଁ ଦର୍ଶକଙ୍କୁ ଏଥିରେ ପଶୁ, ପକ୍ଷୀଙ୍କ ଖେଳ ଦେଖିବାକୁ ମିଳିବନି। ସେମାନଙ୍କ ଏଭଳି ଅଂଶଗ୍ରହଣ ଉପରେ ନିଷିଦ୍ଧ ଆଦେଶ ଥିବାରୁ କେବଳ ସର୍କସ କରୁଥିବା ବ୍ୟକ୍ତିମାନଙ୍କ ଚିତାକର୍ଷକ ଖେଳ ଏଠାରେ ଦେଖିବାକୁ ମିଳିବ। ବିଦେଶୀ ଖେଳାଳିମାନଙ୍କ ଦ୍ୱାରା ରଷିଆନ୍ ରୋପ୍ ଖେଳ ଓ ଜ’ ଡ୍ରପିଂ ଜିମ୍ନାଷ୍ଟିକ୍ ଏହାର ମୁଖ୍ୟ ଆକର୍ଷଣ ହେବ।

## ବାହାନଗା ରେଳ ଦୁର୍ଘଟଣା : ଭୁବନେଶ୍ୱର ଆସି ଲୋକ ପାଇଲଟଙ୍କୁ ଜେରା କରିବ ସିବିଆଇ ଟିମ୍

ଭୁବନେଶ୍ୱର/ବାଲେଶ୍ୱର, ୮।୬(ପି.ଏନ):ବାଲେଶ୍ୱର ବାହାନଗା ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ ତୃତୀୟ ଦିନରେ ଜାରୀ ରହିଛି । ଭୁବନେଶ୍ୱର ଆସି ଲୋକ ପାଇଲଟ୍ ଙ୍କୁ ଜେରା କରିବ ସିବିଆଇର ଦ୍ୱିତୀୟ ଟିମ୍ । ଏହି ଦୁର୍ଘଟଣାରେ କରମଣ୍ଡଳ ଏକ୍ସପ୍ରେସର ଦୁଇ ଲୋକୋ ପାଇଲଟ ଏବେ ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଏକ୍ସପ୍ରେସର ଲୋକୋ ପାଇଲଟ୍ ଗୁଣନିଧି ମହାନ୍ତି ଓ ଆସିଷ୍ଟାଂଟ ଲୋକୋ ପାଇଲଟ୍ ହଜାରୀ ବେହେରା ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଉଭୟଙ୍କ ମୁଣ୍ଡ, ବେକ ଓ ଛାତିରେ ଗଭୀର ଆଘାତ ଲାଗିଛି ।

## ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଢେଙ୍କାନାଳର ୧୦ ଲକ୍ଷ ହିତାଧିକାରୀଙ୍କ ପାଇଁ ମାସିକ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ମୋଦି ସରକାର:ଧର୍ମେନ୍ଦ୍ର ପ୍ରଧାନ

କଙ୍କଡାହାଡ, ୮।୬(ପି.ଏନ): ମୋଦି ସରକାରରେ ଓଡ଼ିଶାର ସମ୍ମାନ, ଗୌରବ ଓ ଓଡିଆ ଅସ୍ମିତାକୁ ପ୍ରାଥମିକତା ଦିଆଯିବା ଦେବା ସହ ବିଗତ ୯ ବର୍ଷରେ ଅନେକ ଜନକଲ୍ୟାଣକାରୀ କାମ ହୋଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶାର ୩ କୋଟି ୨୫ ଲକ୍ଷ ହିତାଧିକାରୀ ଏବଂ ଢେଙ୍କାନାଳର ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କ ପାଇଁ ବ୍ୟକ୍ତି ପିଛା ମାସିକ ଦିଆଯାଉଥିବା ଚାଉଳ ପାଇଁ ମୋଦି ସରକାର ୨୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହି ହିସାବରେ ମୋଦି ସରକାର କେବଳ ଢେଙ୍କାନାଳର ହିତାଧିକାରୀଙ୍କ ପାଇଁ ମାସିକ ୨୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ବୋଲି ଗୁରୁବାର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡାହାଡରେ ଆୟୋଜିତ ‘ଗରିବ କଲ୍ୟାଣ ସମାବେଶ’ରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାରଙ୍କ ଶାସନର ୯ ବର୍ଷ ପୂରଣ ହୋଇଛି । ବିଗତ ୯ ବର୍ଷକୁ



ସମୀକ୍ଷା କଲେ ଅନେକ ଗରିବ କଲ୍ୟାଣକାରୀ ଯୋଜନା ଭାରତର ସବୁ ଗରିବଙ୍କ ପାଇଁ ଉପଲବ୍ଧ ହୋଇଛି । ଢେଙ୍କାନାଳ ପାଇଁ ହୋଇଥିବା କଲ୍ୟାଣକାରୀ ଯୋଜନାର ହିସାବ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ପ୍ରାୟ ୮୦ ହଜାର ଏବଂ ପିଏମ ଆବାସ ଯୋଜନାରେ ସହରରେ ପ୍ରାୟ ୧୦ ହଜାର ଘର ମୋଦି ଦେଇଛନ୍ତି । କଙ୍କଡାହାଡ଼ରେ ୧୦ ହଜାର ୭୧୨ ଘର ନିର୍ମାଣ ପାଇଁ ଲକ୍ଷ୍ୟ ରହିଥିବା ବେଳେ ମୋଦି ସରକାର ଏଥିପାଇଁ ୧୨୯ କୋଟି ଟଙ୍କା ଦେଇଛନ୍ତି ।ସେହିପରି ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୨ ଲକ୍ଷ ହିତାଧିକାରୀଙ୍କ ଘରେ ଉଜ୍ଜଳା ଯୋଜନାରେ ମାଗଣା ରନ୍ଧନ ଗ୍ୟାସ ଦିଆଯାଇଛି । ଏଥିପାଇଁ ମୋଦି ସରକାର ପ୍ରାୟ ୩୨ କୋଟି ପ୍ରଦାନ କରିଛନ୍ତି । ଜିଲ୍ଲାକୁ ସୌଭାଗ୍ୟ ଯୋଜନାରେ ଶତପ୍ରତିଶତ ବିଦ୍ୟୁତିକରଣ ହୋଇଛି । ମାଆ ମାନଙ୍କର ବିକାଶ ପାଇଁ ଋଣ ଦିଆଯାଇଛି । ଢେଙ୍କାନାଳର ୭ ଲକ୍ଷ ୬ ହଜାର ୫୭୬ ଜଣ ହିତାଧିକାରୀଙ୍କୁ ମୁଦ୍ରା ଯୋଜନା ରେ ୨୭୭୯ କୋଟି ଟଙ୍କାର ଋଣ ଦେବା ପାଇଁ ଅନୁମୋଦନ ଦିଆଯାଇଛି । ମାତ୍ର ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନା ପାରୁନାହିଁ । କଙ୍କଡାହାଡ ଓ ଢେଙ୍କାନାଳର ବିକାଶ ପାଇଁ ପ୍ରଧାନମନ୍ତ୍ରୀ କୋଟି କୋଟି ଟଙ୍କା ଦେଉଥିଲେ ମଧ୍ୟ ଓଡ଼ିଶାରେ ଦାୟିତ୍ୱରେ ଥିବା ଲୋକମାନେ ସେହି ଟଙ୍କାକୁ ଗରିବ ଲୋକଙ୍କ ବିକାଶ କାମରେ ଖର୍ଚ୍ଚ ନ କରୁନାହାନ୍ତି, ଯାହା ଦୁଃଖଦାୟକ । ଆନ୍ତରିକତା ଅଭାବ କାରଣରୁ ଓଡ଼ିଶାରେ ଗରିବଙ୍କୁ ଘର ମିଳୁନାହିଁ । ପ୍ରତି ଘରକୁ ପିଇବା ପାଣି ପହଞ୍ଚି ପାରୁନାହିଁ । ମହିଳାଙ୍କର ବିକାଶ ହୋଇପାରୁନାହିଁ । ମୋଦି ପଠାଉଥିବା ଟଙ୍କା ଗରିବଙ୍କ କାମରେ ଆସୁନାହିଁ ।ପିଏମ ମୋଦି ପାଇପ ଯୋଗେ ଢେଙ୍କାନାଳର ଢେଙ୍କାନାଳରେ ୨ ଲକ୍ଷ ୨ ହଜାର ୫୨୯ ହିତାଧିକାରୀଙ୍କ ଘରକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବାର ବ୍ୟବସ୍ଥା କରିଥିବା ବେଳେ ରାଜ୍ୟ ସରକାର ଏହାକୁ କ୍ରିୟାନ୍ୱୟନ କରିବାରେ ବିଫଳ ହେଉଛନ୍ତି । ୨୩ ବର୍ଷ ଶାସନରେ ଏଠାରେ ପାନୀୟ ଜଳର ସମସ୍ୟା ଅଛି । ଅଞ୍ଚଳର ମାଆ ଭଉଣୀମାନେ ଗାଁରେ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରୁଛନ୍ତି । ରାମିଆଳ କେନାଲରେ ଥିବା ପାଣିର ସୁବିନିଯୋଗ ହେଉନାହିଁ । ଢେଙ୍କାନାଳବାସୀ, କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ରାଜ୍ୟ ସରକାରଙ୍କୁ ଏହାର ଜବାବ ନିଶ୍ଚୟ ଦେବେ ।ଆଜି ଦେଶରେ ମୋଦିଜୀ ଜନସେବକର ଦାୟିତ୍ୱ ନେବା ସହ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ଧାନର ଏମଏସପି ପ୍ରତିବର୍ଷ ବୃଦ୍ଧି କରିବା ସହ ଚାଷୀ କଲ୍ୟାଣକୁ ପ୍ରାଥମିକତା ଦେଉଛନ୍ତି । ଗରିବଙ୍କ ସେବା ସହ ମାଆ ଭଉଣୀ ମାନଙ୍କୁ ସ୍ୱାବଲମ୍ବୀ କରିବା, ଯୁବବର୍ଗଙ୍କୁ ରୋଜଗାର ଦେବା ଓ ଜନତାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ମୋଦି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ପୂର୍ବରୁ ଖଣି ନିଲାମ ପାଇଁ ଓଡ଼ିଶାକୁ ୫ ହଜାର କୋଟି ମିଳୁଥିଲା ଏବଂ ପୁଞ୍ଜିପତିମାନେ ଧନୀ ହେଉଥିଲେ । ଏବେ ମୋଦି ସରକାରରେ ଖଣି ନୀତି ସଂସ୍କାର ଓ ଡିଏମଏଫ କାରଣରୁ ଗରିବ ଲୋକମାନେ ଲାଭ ପାଉଛନ୍ତି । ମାତ୍ର ଢେଙ୍କନାଳରେ ଡିଏମଏଫରୁ ଆଦାୟ ହେଉଥିବା ଅର୍ଥ ଗରିବଙ୍କ ମୌଳିକ ସୁବିଧା ଓ ଚିକିତ୍ସା ପାଇଁ ଉପଯୋଗ ହେଉନାହିଁ । ଓଡ଼ିଶାରେ ଡବଲ ଇଞ୍ଜି ନ ଲାଗିଲେ ହିଁ ଓଡ଼ିଶାର ବିକାଶ ହେବ। ପ୍ରଧାନମନ୍ତ୍ରୀଙ୍କ ସରକାର ଲୋକକଲ୍ୟାଣ, ଗରିବ, ମାଆ ଭଉଣୀ, ଯୁବବର୍ଗଙ୍କ କଲ୍ୟାଣ ଏବଂ ସ୍ୱାଭିମାନୀ ଓଡ଼ିଶା ଓ ଭାରତ ପାଇଁ ବଦ୍ଧ ପରିକର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ ଢେଙ୍କାନାଳର ମାଟି ବୀର ସଂଗ୍ରାମୀଙ୍କ ମାଟି । ବୀର ସଂଗ୍ରାମୀ ସାରଙ୍ଗଧର ଦାସ,ବୈଷ୍ଣବ ଚରଣ ପଟ୍ଟନାୟକ,ମହେଶ୍ୱନ୍ଦ୍ର ସୁବାହୁ ସିଂହ ଓ ଶହୀଦ ବାଜି ରାଉତଙ୍କ ପୁଣ୍ୟ ଜନ୍ମଭୂମି । ଏହି ମାଟି କେବେ ଇଂରେଜଙ୍କୁ ଭ୍ରୁକ୍ଷେପ କରିନଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ୧୪ ଘଣ୍ଟାର ଅପରେସନ ପରେ ବ୍ରିଜ୍‌ର ପିଲାର୍‌ରେ ଫସିଥିବା ନାବାଳକ ଉଦ୍ଧାର

ବିହାର,୮।୬(ପି.ଏନ): ଦୀର୍ଘ ୧୪ ଘଣ୍ଟାର ଅପରେସନ ପରେ ପିଲାର ଭିତରେ ଫସିଥିବା ନାବାଳକଙ୍କୁ ଉଦ୍ଧାର କରାଯାଇଛି। ବିହାରର ରୋହତାସର ବ୍ରିଜ୍‌ର ଗୋଟିଏ ସ୍ଲାବ ଓ ପିଲାର ମଧ୍ୟରେ ୧୧ ବର୍ଷର ପିଲାଟି ଫସି ଯାଇଥିଲା। ତାକୁ ଏନଡିଆରଏଫ ଟିମ ଓ ସ୍ଥାନୀୟ ପ୍ରଶାସନ ପିଲାର ଭିତରୁ ବାହାର କରିବାକୁ ସକ୍ଷମ ହୋଇଛନ୍ତି ।ତେବେ ସେ ଜୀବିତ କି କି ମୃତ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଉଦ୍ଧାର ପରେ ତାକୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତା’ର ଅବସ୍ଥା ଆଦୌ ସ୍ୱାଭାବିକ ନଥିବା ବିକ୍ରମଗଞ୍ଜ ଏସଡିଏମ ଉପେନ୍ଦ୍ର ପାଲ ସୂଚନା ଦେଇଛନ୍ତି।

## ଏମ୍ସରେ ଏଯାଏଁ ଚିହ୍ନଟ ହୋଇପାରିନି ୮୨ ମୃତଦେହ

ଭୁବନେଶ୍ୱର/ବାଲେଶ୍ୱର, ୮।୬(ପି.ଏନ): ବାଲେଶ୍ୱର ବାହାନଗା ନିକଟରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଅଦ୍ୟାବଧି ୨୮୮ ଜଣଙ୍କ ମୃତ୍ୟୁ ଘଟିଛି । ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି ।ମୃତଦେହ ଚିହ୍ନଟ ଓ ସେମାନଙ୍କ ପରିବାରକୁ ଶବ ହସ୍ତାନ୍ତର ପ୍ରକ୍ରିୟା ଜାରୀ ରହିଛି । ତେବେ ଏମ୍ସରେ ଏଯାଏଁ ୮୨ଟି ମୃତଦେହ ଚିହ୍ନଟ ହୋଇପାରିନଥିବା ଜଣାପଡିଛି ।

## +୨ କଳାରେ କିସ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର, ୮।୬(ପି.ଏନ): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। କଳାରେ ରାଜ୍ୟର ପାସ୍ ହାର ୭୮.୮୮ ପ୍ରତିଶତ ରହିଥିବା ବେଳେ କିସ୍‌ର ହାର ଶତ ପ୍ରତିଶତ ରହିଛି। କିସ୍ ଛାତ୍ରୀ ପୁଷ୍ପ ରାଣୀ ମୁର୍ମୁ ସର୍ବାଧିକ ୮୨ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଛନ୍ତି। ପୁଷ୍ପରାଣୀ ପଞ୍ଚମ ଶ୍ରେଣୀରୁ କିସ୍‌ରେ ପଢ଼ିଆସୁଥିଲେ। କିସ୍‌ର ୩୫ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ଅଧିକାଂଶ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କିସ୍‌ର ଅଧ୍ୟାପକ ଅଧ୍ୟାପିକାଙ୍କ ନିୟମିତ ମାର୍ଗଦର୍ଶନ ଓ ଛାତ୍ରଛାତ୍ରୀଙ୍କ ପରିଶ୍ରମ ସେମାନଙ୍କୁ ସଫଳତା ଆଣି ଦେଇଛି ବୋଲି କହିଛନ୍ତି।










## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ। ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁନ ୦୯

# କରୁଣା ଓ କଲ୍ୟାଣ ଗଙ୍ଗାର 'ମା':ମନୋରମା

ସ୍ରଷ୍ଟା ବିଚିତ୍ର , ସୃଷ୍ଟି ବିଚିତ୍ର , ବିଚିତ୍ର ଏ ବିଶ୍ୱ , ବିଚିତ୍ର ଏହି ସୁନ୍ଦର ପୃଥିବୀ , ବିଶ୍ୱ ନିୟନ୍ତାଙ୍କ ର କ୍ରୁର ନିର୍ଦ୍ଦେଶରେ ମଣିଷ , ପଶୁ , ପକ୍ଷୀ , ବୃକ୍ଷଲତା , କୀଟପତଙ୍ଗ , ସମସ୍ତେ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ , ଚନ୍ଦ୍ର , ତାରା ଓ ଗ୍ରହମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର , ସୁନ୍ଦର କମନୀୟ , ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶେଷ୍ଠ ଇଶ୍ୱର ଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ , ମନୁଷ୍ୟର ପକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ , ମାପକାଠି ମଧ୍ୟରେ ଅନିତ୍ୟ , ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗର କୁ ପାରି କରିବା ପାଇଁ ନ୍ତଗୁରୁ ମା' ବାଟ ଦେଖାନ୍ତି । ସେହି କରୁଣାମୟୀ ନ୍ତଗୁରୁ ମା'' ଙ୍କ କୃପାରୁ ଆମେ ସମସ୍ତେ ଦୁଇପାଦ ଆଗେଇ ଥାଉ । ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ପର୍ଶରେ ଆମ୍ଭେ ଆଲୋକିତ । ସସାଗର ଧରା ଶୃଙ୍ଖଳିତ ସେହି ନ୍ତଗୁରୁ ମା'' ଅଧ୍ୟାପିକା ଡ଼କ୍ଟର ମନୋରମା ମହାପାତ୍ର ଙ୍କୁ କିଏବା ଭୂଲିବ । ସେ ଦୂର ଦିଗବଳୟ ଆର ପାରିର ଚନ୍ଦ୍ରମା । ତାଙ୍କରି ଜ୍ୟୋସ୍ନାରେ ଆଲୋକିତ ମହକିତ ,ଉଲ୍ଲସିତ ଧାରା ପୃଷ୍ଠ । ଦେଶ ପରାଧିନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ , ବିଶିଷ୍ଟ ଶିକ୍ଷାବିତ୍ ସମାଜସେବୀକା , ଲେଖିକା , ସ୍ତମ୍ଭକାର ,ବାଗ୍ମୀ , ୧୯୩୪ ମସିହା ଜୁନ ୧୦ ତାରିଖ ଦିନ କଟକ ଆଠଗଡ଼ ଅନ୍ତର୍ଗତ ରାଧାନାଥପୁର ଶାସନରେ ପିତା ପଦ୍ମଭୂଷଣ ଡ଼କ୍ଟର ରାଧାନାଥ ରଥ ଓ ମାତା ସାବିତ୍ରୀ ଦେବୀଙ୍କ ୪ର୍ଥ ସନ୍ତାନ ଭାବେ କୋଳ ମଣ୍ଡନ କରିଥିଲେ । ପିଲାବେଳୁ ସେ ଧର୍ଯ୍ୟ ଓ ସାହାସର ପ୍ରତୀକ ଥିଲେ । ସେ କେବେ ଭାଙ୍ଗି ପଡୁ ନ ଥିଲେ ଦୁଃଖ ଓ ଯାତନାରେ । ମନୋରମା ମହାପାତ୍ର(ସୁଲୁ) ପ୍ରାଥମିକ ଶିକ୍ଷା ପରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ରୁ ମ୍ୟାଟ୍ରିକ୍ ପାଶ୍ କରିବା ପରେ ଶିକ୍ଷା କ୍ଷେତ୍ରରେ ଗୁରୁ ମା ରୂପେ ଶିକ୍ଷାଦାନ କରିବାକୁ ସ୍ୱପ୍ନ ଦେଖୁଥିଲେ । ସେ ଅର୍ଥନୀତିରେ ସ୍ନାତକୋତର ପାସ୍ କରିବା ପରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ସେ ପଦାରବିନ୍ଦ ମହାପାତ୍ର ଙ୍କ ଧର୍ମପତ୍ନୀ ଭାବେ ସଂସାର ଜାଲ ମଧ୍ୟରେ ରହି ସମାଜ ସେବା , ସାମ୍ବାଦିକତା ଓ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରୁଥିଲେ । ପ୍ରାଧ୍ୟାପିକା ଭାବେ ଦୀର୍ଘ ୧୫ ବର୍ଷ କାଳ ଶିକ୍ଷାଦାନ କରି ୧୯୮୫ ମସିହାରେ ସରକାରୀ ଚାକିରିରୁ ଅବସର ନେଇ ସମାଜ ଓ ଦେଶ ସେବାରେ ଲାଗି ପଡ଼ିଥିଲେ । ସେ ବହୁ ବର୍ଷ ଧରି ଓଡ଼ିଶା ସାହିତ୍ୟ . ଶିଶୁ ସାହିତ୍ୟ ଅନୁବାଦ ଆଦି ପ୍ରତିଟି ବିଭାଗରେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି । ସାହିତ୍ୟ ଓ ସାମ୍ବାଦିକତା ପ୍ରତି ଥିବା ଦୁର୍ବଳ ମନଭାବ ଯୋଗୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପନା ଛାଡ଼ି ଦୈନିକ ସମ୍ବଦପତ୍ର ନ୍ତସମାଜ'' ରେ ଯୋଗ ଦେଇ ପରବର୍ତୀ ସମୟରେ କାର୍ଯ୍ୟକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଆ ,ସଂସ୍କୃତ ,ହିନ୍ଦୀ ,ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ । ସେ ଢ଼ଗଡ଼ମାଳିର ଓଜସ୍ୱିନୀ ବକ୍ତା ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ଜଗନ୍ନାଥ ସଂସ୍କୃତିର ଉପାସକ ଭାବେ ରଥଯାତ୍ରା ସମୟରେ ଆକାଶବାଣୀ ଓ ଦୂରଦର୍ଶନରେ ସିଧା ପ୍ରସାରଣରେ ଅଂଶ ଗ୍ରହଣ କରୁଥିଲେ । ସେ ସ୍ତମ୍ଭକାର ଭାବେ ନ୍ତଝିଟିପିଟି କହେ'' ସ୍ତମ୍ଭରେ ଶତାବ୍ଦୀ ନାମରେ ନ୍ତସମାଜ'' ପୃଷ୍ଠାରେ ବହୁବର୍ଷ ଧରି ଲେଖି ଆସୁଥିଲେ । ସାରସ୍ୱତ କ୍ଷେତ୍ରରେ ତାଙ୍କର ଅବଦାନ


ଅକ୍ଷୟ କୁମାର ରାଉତ

ଅତୁଳନୀୟ । ତାଙ୍କ ପୁସ୍ତକ ଗୁଡ଼ିକ ମଧ୍ୟରେ ରହିଛି – ଜୁଆର ଯେଉଁଠି ଉଠେ( ୧୯୬୦) , ଅର୍ଦ୍ଧ ନାରୀଶ୍ୱର (୧୯୯୧), ବୈଦେହୀ ବିସର୍ଜିତା(୧୯୯୭), ସୁତି ଚନ୍ଦନ , ଆମେ ସବୁ ନିରବ ଦର୍ଶକ , ରୂପମ୍ ରୂପମ୍ ପ୍ରତିରୂପମ୍ ' , ସମୟ ପୁରୁଷ(୨୦୦୮) , ମଧୁବାତା ଋତାୟତେ(୧୯୯୦) , ବନ୍ଦ ଘରୁକେ କିବାଡ଼(ହିନ୍ଦୀ) , ଶକ୍ତି ରୁପେଣ ସଂସ୍ଥିତା(୨୦୦୧) , ସମସାମୟିକ ରୁଷୀୟ କବିତା ଅନୁବାଦ , ବ୍ୟୁହ ଭେଦ , ଝଡ଼ ପରେ ସୂର୍ଯ୍ୟୋଦୟ , ଦେବହୂତି , ଦ୍ୟୁତି ଦନହର , ଶୋକର ସନ୍ତାନ ,ସୃତିସଭା , ଏ ପୃଥିବୀ ଶରଶଯ୍ୟା , ଉତରା ନିରୂତରା ,ଅଛିଣ୍ଡା ମାସ ଛିଣ୍ଡା ଦଉଡ଼ି , ବଣ ରାଇଜର କଥା , ସୁର ରାଇଜର କଥା , ରନ୍ନଦୀପ , ଅଜାଙ୍କ ମୁଣିରୁ , ବିରାଡ଼ି ମାନଙ୍କ ଅନଶନ , ହାଣ୍ଡିଶାଳ ରୁ ରାଜ ଦରବାର ଇତ୍ୟାଦି ଅନେକ ସାହିତ୍ୟ କୃତି । ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଅବଦାନ ଯୋଗୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ଥର ପୁରସ୍କୃତ ହୋଇଛନ୍ତି । ଶିଶୁ ସାହିତ୍ୟ ପୁସ୍ତକ ନ୍ତବଣ ରାଇଜର କଥା'' ପାଇଁ ୧୯୮୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସେ ପୁରସ୍କୃତ ଲାଭ କରିଛନ୍ତି , ଅନ୍ୟ ପୁରସ୍କାର ମଧ୍ୟରେ –୧୯୮୮ ରେ ସୋଭିତ୍ ଲ୍ୟାଣ୍ଡ ନେହ୍ରୁ ପୁରସ୍କାର , କନ୍ନଡ଼ ସାହିତ୍ୟ ଏକାଡ଼େମୀ ପୁରସ୍କାର , ଓଡ଼ିଆ ଆମେରିକାନ ସୋସାଇଟି ଆୱାର୍ଡ଼ , ମଧୁସୂଦନ ଫାଉଣ୍ଡେସନ୍ ଦ୍ୱାରା ପ୍ରଥମ ମିଡ଼ିଆ ଆୱାର୍ଡ଼ , ଶାରଳା ପୁରସ୍କାର , ଜୟଦେବ ସମ୍ମାନ ,ଝଙ୍କାର ପୁରସ୍କାର , ପ୍ରଜାତନ୍ତ୍ର ବିଷୁବ ମିଳନ ପୁରସ୍କାର , ଉତ୍କଳ ସାହିତ୍ୟ ସମାଜ କବିତା ସମ୍ମାନ ପ୍ରଭୃତି ବିଭିନ୍ନ ସମ୍ମାନ ଲାଭ କରିଥିଲେ । ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରୁ ସମ୍ମାନ ସୂଚକ ଡ଼ିଲିଟ୍ ଲାଭ କରିଥିଲେ । ସେ ନିଜର କୃତି ବଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲେ । ଜଣେ ସଙ୍ଗଠିକା ଭାବେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ , ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି , ଓଡ଼ିଶା ରେଡ଼କ୍ରସ୍ ସୋସାଇଟି ର ସଭାପତି , ଓଡ଼ିଶା ନାରୀ ସେବା ସଂଘର ଉପସଭାପତି ,ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସଦସ୍ୟ , ଅଖିଳ ଭାରତୀୟ ସେବା ଦଳର ଓଡ଼ିଶା ଶାଖା ସମ୍ପାଦିକା ଓ ସଭାପତି ହୋଇଥିଲେ । ଏପରିକି ପ୍ରଧାନମନ୍ତ୍ରୀ ମିଡ଼ିଆ ପାର୍ଟିରେ ଜଣେ ସାମ୍ବାଦିକ ଭାବେ ବିଭିନ୍ନ ଦେଶ ପରି ଭ୍ରମଣ କରିଥିଲେ । ଓଡ଼ିଶା ସାହିତ୍ୟ ସାମ୍ବାଦିକତା ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଅତିପରିଚତ , ଡ଼କ୍ଟର ମନୋରମା ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଗତ ଶନିବାର (୧୮.୦୯.୨୦୨୧) ଦିନ କଟକ ଡ଼ାକ୍ତରଖାନାରେ ଭର୍ତି କରା ଯାଇଥିଲା ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ଏହି ଭଳି ଏକ ସମାଜସେବୀ ,ଶିକ୍ଷାବିତ୍ , ଲେଖିକା , ସ୍ତମ୍ଭକାର ,ବାଗ୍ମୀ ସମାଜସେବୀକଙ୍କର କର୍ମମୟ ଜୀବନ ଅବସାନ ଘଟିଲା । ମାତ୍ର ତାଙ୍କର କୃତୀ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ , ସୁବାସ ମହକିତ କରୁଥିବ ଏ ମାଟିକୁ ।

ପାରାଦ୍ୱୀପ ଗଡ଼,କୁଜଙ୍ଗ ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

# ଚାଲନ୍ତୁନା, ଟିକେ ଅନ୍ୟମନସ୍କ ହେବା

ଏକବିଂଶ ଶତାବ୍ଦୀରେ ଶିକ୍ଷିତ ମଣିଷର ଜୀବନଚର୍ଯ୍ୟାକୁ ଟିକେ ନିରିଖେଇ ଦେଖିଲେ ନିଶ୍ଚୟ ହୃଦୟଙ୍ଗମ ହେବ ଯେ ଦିନ ନାହିଁ ରାତି ନାହିଁ ଆମେ କେବଳ ଷଡ ରିପୁର ବଶବର୍ତ୍ତୀ ହେଇ ଦୁନିଆ ଆଗରେ ନିଜ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ସାବ୍ୟସ୍ତ କରିବାକୁ ଖୁବ ବ୍ୟଗ୍ର । ସବୁବେଳେ ଖାଲି ସ୍ୱାର୍ଥଜଡିତ କାମ, କାମ ଆଉ କାମ । ଅଳସୁଆମୀ କଥା ଛାଡନ୍ତୁ, ଟିକେ ବିରତି ନାହିଁ କି ବିଶ୍ରାମ ନାହିଁ । ସଡକରୁ ସଂସଦ, ପରିବାରରୁ ପରଦେଶ ପର୍ଯ୍ୟନ୍ତ ଆମେ ଆମ ପାରିବାପଣିଆକୁ ପ୍ରଦର୍ଶିତ କରିବାରେ ଅହରହ ବ୍ୟସ୍ତ । ସାମାଜିକ, ରାଜନୈତିକ, ଅର୍ଥନୈତିକ, ଧାର୍ମିକ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା ଓ ଔଦ୍ୟୋଗିକ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଖାଲି ପ୍ରତିଯୋଗିତାର ଧାଁଡ଼ି । ପରିବାରରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ କେଉଁଠି ବି ଟିକେ ସ୍ଥିରତା ନାହିଁ । ଚିରାଚରିତ ଗତିରୁ ଟିକେ ଅଟକି ଯାଇ ପଛକୁ ଫେରି ଚାହିଁବାକୁ ବା ପଛରେ ପଡିଯାଉଥିବା ଅନ୍ୟ କାହା କଥା ଭାବିବାକୁ କାହାରି ପାଖରେ ବେଳ ନାହିଁ କି ନିଜ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରୁ ଟିକେ ଅନ୍ୟମନସ୍କ ହେବାର ମାନସିକତା ନାହିଁ । ବିଦ୍ୟା ଆହରଣ ଓ ଜ୍ଞାନର ପରିଭାଷା ବଦଳି ଗଲାଣି ଯେମିତି । 'ବିଦ୍ୟା ବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତୀନି, ଶୁନିଚୈବ ଶ୍ୱପାକେଚ଼ ପଣ୍ଡିତାଃ ସମଦର୍ଶୀନଃ' । ଆଜି କାହାନ୍ତି ସେ ପଣ୍ଡିତ ଆଉ କାହିଁ ସେ ସମଦର୍ଶୀ ଭାବ ! କିଏ ମରୁ କି ବଞ୍ଚୁ, ଦେଶ ରହୁ କି ବୁଡୁ, କିଛି ଯାଏ ଆସେ ନାହିଁ । ଶେଷ ପରିଣତି ଯାହା ହେଉନା କାହିଁକି ନିଜ ନିଜର ସ୍ୱାର୍ଥ ହାସଲ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରି କେବଳ ଆଗକୁ ବଢିବାର ସଭିଙ୍କର ଏକମାତ୍ର ଯୋଜନା । ତାହାହିଁ ପରମ ଲକ୍ଷ୍ୟ ଆଉ ସେହି ଲକ୍ଷ୍ୟ ପ୍ରାପ୍ତିରେ ଅପାର ତୃପ୍ତି ଯେମିତି । ଏସବୁ ଏମିତି କାହିଁକି ଘଟୁଛି ଚିନ୍ତା କଲାବେଳେ ପିଲାଦିନରୁ ଆମ ଶିକ୍ଷା ଓ ସଂସ୍କାର କଥା ମନକୁ ଆସେ । ସେବେକାର ଗାଁ ଚାଟଶାଳୀ ଅଥବା ଏବେକାର କୋଚିଂ କ୍ଲାସ, ବିଦ୍ୟାଳୟ ହେଉ କି ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟ, ଘରୁ ବାହାରିଲା ବେଳେ ବାପାମା, ଜେଜେବାପା ଜେଜେମା ଏବଂ ଘରର ସବୁ ଗୁରୁ ଗୁରୁଜନଙ୍କର ନିଜ ନିଜ ପିଲାମାନଙ୍କୁ କେବଳ ମନ ଧ୍ୟାନ ଦେଇ ପାଠ ପଢିବା, ଶ୍ରେଣୀରେ ସମସ୍ତଙ୍କଠାରୁ ଆଗରେ ରହିବା, ପରୀକ୍ଷାରେ ଏକ ନମ୍ବର ସ୍ଥାନ ହାତେଇବା, ଅନ୍ୟ କୌଣସି ବିଷୟରେ ମନୋନିବେଶ ନକରି ନିଜ ଭବିଷ୍ୟତ ବୃତ୍ତିଗତ ଜୀବନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଓ ପଢା ଶେଷରେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେଇ ସମାଜରେ ନିଜର ଆଧିପତ୍ୟ ଜାହିର କରିବା ଭଳି ଉପଦେଶ ବା ପରୋକ୍ଷ ଆଦେଶ ଦେଇଥାନ୍ତି । ନିଜ ପିଲାମାନଙ୍କୁ ଭଲ ମଣିଷଟିଏ ହେବା, ଅନ୍ୟର ଦୁଃଖସୁଖରେ ସହଭାଗୀ ହେବା, ପଛରେ ପଡିଯାଉଥିବା ସାଥୀଟିର ହାତ ଧରି ଆଗକୁ ବଢିବା, ଅନ୍ୟପ୍ରତି ସମ୍ବେଦନଶୀଳ ହେବା, ଯେଉଁ ମାଟି, ପାଣି, ପବନରେ ବଢୁଛେ, ତା ପାଇଁ ଉତ୍ତରଦାୟୀ ରହିବା, ଯେଉଁ ଭାଷା, ପ୍ରଥା, ପରମ୍ପରାର ସାହା ଭରସାରେ ନିଜର ଭବିଷ୍ୟତ ଗଢୁଛେ, ତାକୁ ସୁରକ୍ଷିତ ରଖିବା ଭଳି ଉପଦେଶ ଦେବା ଖୁବ କ୍ୱଚିତ ଦେଖାଯାଏ । ଏବେ ଯାହା ଅନୁଭୂତ ହୁଏ, ନିଜ ପିଲାମାନଙ୍କୁ ସର୍ବାଗ୍ରେ ରଖିବା ପାଇଁ ପିତାମାତାଙ୍କ ମଧ୍ୟରେ ବେଶ ରୋଚକ ତଥା ଅଘୋଷିତ ପ୍ରତିଯୋଗିତା । ଶେଷରେ ସେୟା ହିଁ ହୁଏ । ପିଲାମାନେ ଅନ୍ୟମନସ୍କ ହେବାର ସୁଯୋଗ ନପାଇ ପୁସ୍ତକକୀଟ ପାଲଟିଯାନ୍ତି ଏବଂ ନିଜର ଓ ନିଜ ପିତାମାତାଙ୍କର ସ୍ୱପ୍ନକୁ ସାର୍ଥକ କରିବାକୁ ଯାଇ ଏତେ ମାତ୍ରାରେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାନ୍ତି ଯେ ଚତୁର୍ପାର୍ଶ୍ୱର ପରିବେଶ ଓ ପରିସ୍ଥିତି ସେମାନଙ୍କ ପାଇଁ ପ୍ରଭାବହୀନ ପାଲଟିଯାଏ । ସାମାଜିକ ବିଧିବ୍ୟବସ୍ଥାରୁ ଦୁରରେ ରଖି ନିଜ ଜିଦି ପାଇଁ ଆମେ ଅର୍ଥଲୋଭୀ ପିତାମାତାମାନେ ଆମ ପିଲାମାନଙ୍କୁ ଏକଦମ ମତଲବୀ ଓ ଅସମ୍ବେଦନଶୀଳ ମଣିଷ କରି ଗଢିତୋଳୁ ଆଉ ପରିଣତ ବୟସରେ ଯେତେବେଳେ ସେମାନେ ଆମଠୁଁ ଦୁରେଇଯାନ୍ତି, ଆମେ ଅଯଥାରେ ସେମାନଙ୍କୁ ଦୋଷ ଦେଉ ଯେଉଁଥି


ବୃହସ୍ପତି ସାମଲ

ପାଇଁ ସମାଜରେ ଉଭୟ ପିଢିର ମାନସିକ ଶାନ୍ତି ବ୍ୟାହତ ହୁଏ । ଏହି ପରିପ୍ରେକ୍ଷୀରେ ବିଖ୍ୟାତ ଇଂରାଜୀ ଲେଖକ ଜେ ବି ପ୍ରିଷ୍ଟଲେଙ୍କ ପ୍ରବନ୍ଧ 'ଅନ ଡୁଇଂ ନଥିଙ୍ଗ' ବେଶ ପ୍ରାସଙ୍ଗିକ ମନେହୁଏ ଯାହା ମାଧ୍ୟମରେ ସେ କହିବାକୁ ଚାହିଁଛନ୍ତି କି ପୁଞ୍ଜିବାଦୀ ଚିନ୍ତାଧାରା ମଧ୍ୟବିତ୍ତ ଶ୍ରେଣୀକୁ ଅନେକ ସୁଖସୁବିଧା ପ୍ରଦାନ କରିଥିଲେ ହେଁ, ଏହା ବ୍ୟକ୍ତିଗତ ଲାଭ ପାଇଁ ଅତ୍ୟଧିକ ମାତ୍ରାରେ ମଣିଷର ଧ୍ୟାନକୁ କେନ୍ଦ୍ରୀଭୂତ କରେଇ ସ୍ୱାର୍ଥପର କରିଦେଇଥାଏ । ତାଙ୍କ ମତରେ ଚିରାଚରିତ କାର୍ଯ୍ୟାବଳୀରୁ ଦୁରେଇ ଯାଇ କିଛି ସମୟ ପାଇଁ ଟିକେ ଅନ୍ୟମନସ୍କ ହେଇଗଲେ, ଅଳ୍ପ ସମୟ ପାଇଁ ହେଉପଛେ, କିଛି ନ କରି ଟିକେ ଅଟକିଗଲେ ଏହା ଆମର ଅବଚେତନ ମନକୁ ବିସ୍ତାରିତ କରି ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ । ଏହା ଆମର ସ୍ମୃତିକୁ ରୋମନ୍ଥନ କରି ଅଭିଜ୍ଞତାକୁ ଅନୁଶୀଳନ ପାଇଁ ସୁଯୋଗ ପ୍ରଦାନ କରିବା ସହ ଅଧ୍ୟୟନ ଲବ୍ଧ ଜ୍ଞାନକୁ ସୁଦୃଢ଼ କରିଥାଏ । ନିତିଦିନିଆ କାର୍ଯ୍ୟକ୍ରମରୁ ବିରତି ନେଇ ଟିକେ ଅନ୍ୟମନସ୍କ ହେଇଯିବା ଅଳସୁଆମୀ କିମ୍ବା ଗୋଟେ ମସ୍ତବଡ ଭୁଲ ନୁହେଁ । ପ୍ରିଷ୍ଟଲେଙ୍କ ମତରେ କେତେବେଳେ କ'ଣ କରିବାକୁ ପଡିବ ନଜାଣି ଯେଉଁ ଲୋକମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ ରୁହନ୍ତି, ସେମାନଙ୍କ ଦ୍ୱାରା ହିଁ ପୃଥିବୀର ଅମଙ୍ଗଳ ହୁଏ । ଏକ କାର୍ଯ୍ୟାସକ୍ତ ପ୍ରାଣୀ ହିଁ ବିଶ୍ୱର ସବୁଠୁ ଖଳ ଓ ମନ୍ଦ ପ୍ରକୃତିର ନିଷ୍ଠୁର ଜୀବ । କାହାରି ଅଳସୁଆମୀ ଗୁଣ ଯୋଗୁଁ ପୃଥିବୀରେ ଆଜି ଏଭଳି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇନାହିଁ । ଜୁଲାଇ ୧୯୧୪ରେ ଆରମ୍ଭ ହେଇଥିବା ପ୍ରଥମ ବିଶ୍ୱଯୁଦ୍ଧର ଉଦାହରଣ ଦେଇ ସେ କହିଛନ୍ତି ଯଦି ବିଶ୍ୱର ସମସ୍ତ ଶାସକ, ରାଜା ମହାରାଜା, ସମ୍ରାଟ, ବୁଦ୍ଧିଜୀବୀ, ରାଷ୍ଟ୍ରନାୟକ, ସାମ୍ବାଦିକମାନେ ଅଳ୍ପ ସମୟ ପାଇଁ କିଛି ନକରି ଟିକେ ଅଟକିଯାଇଥାନ୍ତେ ଏବଂ ଅନ୍ୟମନସ୍କ ହୋଇ ଭିନ୍ନ କଥା ଚିନ୍ତା କରିଥାନ୍ତେ, ତେବେ ଆଜି ସମଗ୍ର ପୃଥିବୀର ଚିତ୍ର କିଛି ଅଲଗା ହୋଇଥାନ୍ତା । ଆମ ପୁରାଣ, ମହାଭାରତରେ ବି ଏହିଭଳି ଅନେକ ଉଦାହରଣ । ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ ଓ ମହାବୀର କର୍ଣ୍ଣ ଯଦି ନିଜ ନିଜର ପ୍ରତିଜ୍ଞାରୁ ଟିକେ ଅନ୍ୟମନସ୍କ ହେଇ ଜଗତ କଲ୍ୟାଣ କଥା ଚିନ୍ତା କରିଥାନ୍ତେ, ତେବେ ମହାଭାରତ ଭଳି ଯୁଦ୍ଧକୁ ସହଜରେ ଏଡାଇ ଦିଆଯାଇପାରିଥାନ୍ତା । ତ୍ରିପୁର ବିଜୟୀ ମହାଜ୍ଞାନୀ ରାବଣ ବି ନିଜ ଜିଦିରୁ ଅନ୍ୟମନସ୍କ ନ ହେବାରୁ ରାମାୟଣର ସୃଷ୍ଟି ଓ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହେଲା । କେତେଦିନ ଆଉ ସ୍ୱାର୍ଥପରତାର ଖୋଳପା ଭିତରେ ମିଥ୍ୟା ଅହମିକାକୁ ପାଥେୟ କରି କେବଳ ନିଜ କଥା ଚିନ୍ତା କରୁଥିବା ! ଚାଲନ୍ତୁନା, ଆମେ ସମସ୍ତେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲକ୍ଷ୍ୟରୁ ଅନ୍ୟମନସ୍କ ହେଇ ଟିକେ ଜନ ଓ ଜଗତ କଲ୍ୟାଣ କଥା ଚିନ୍ତା କରିବା । ପରିଣତ ବୟସରେ ନିଜେ ଅନ୍ୟମନସ୍କ ହେଇ ଆଗାମୀ ପିଢିକୁ ଟିକେ ଅନ୍ୟମନସ୍କ କରେଇବା । ନିତିଦିନିଆ ଜୀବନ ଜଂଜାଳର ଧାଁଡ଼ିରୁ ଟିକେ ବିରତି ନେଇ ଦଣ୍ଡେ ବସିଯିବା । ଟିକେ ମୁହଁ ବୁଲେଇ ଦେଖିବା ଆମ ପଛରେ ରହିଯାଇଥିବା ଆମରି ଭାଇ, ବନ୍ଧୁ, କୁଟୁମ୍ବ ଯେଉଁମାନେ ଆଗକୁ ବଢିବା ପାଇଁ ଆମରି ସହଯୋଗ ଓ ଉପସ୍ଥିତି ହୁଏତ ଚାହୁଁଛନ୍ତି । ପ୍ରଗତିର ମାନେ ଏକା ଏକା ଚାଲିବା ନୁହେଁ , ବରଂ ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢିବା । ଚାଲନ୍ତୁନା ଟିକେ ଅନ୍ୟମନସ୍କ ହେବା ଫୁଙ୍ଗୁଳା ଦେହକୁ କପଡା ଖଣ୍ଡେ, ଭୋକିଲା ପେଟକୁ ଦାନା ମୁଠେ, ବାସହରା ପାଇଁ ଆଶ୍ରା ଟିକେ ଦେବା କଥା ଚିନ୍ତା କରି । ସମୟ ଆସିଛି ପାଠମନସ୍କ ପିଲାମାନଙ୍କୁ ପୁସ୍ତକକୀଟ ନ କରି ଭଲ ମଣିଷଟେ ହେଇ ଟିକେ ଦେଶ ଦୁନିଆ ପାଇଁ ଚିନ୍ତା କରିବାକୁ ଅନ୍ୟମନସ୍କ କରେଇବାର, ଦରଦୀ ଓ ସମ୍ବେଦନଶୀଳତାର ଭାଷା କହିବା ଓ କୁହେଇବାର, ଆମ ଭାଷା, ପ୍ରଥା, ପରମ୍ପରାକୁ ସମ୍ମାନ ଓ ସୁରକ୍ଷା ଦେବାର, ମିଳିତ ପ୍ରୟାସରେ ପରିସ୍ଥିତି ଓ ପରିବେଶକୁ ଅନୁକୂଳ ଢଙ୍ଗରେ ସଜାଡି ନେବାର, ଆମ ମାଟି, ପାଣି, ପବନର ଋଣ ଶୁଝିବାର । ସମୟ ଉପନୀତ ଆଧୁନିକତାର ଚାକଚକ୍ୟରୁ ଅନ୍ୟମନସ୍କ ହେଇ ପ୍ରଦୂଷଣ ରୋକିବାର, ନଜର ହଟେଇ ଆଖପାଖରେ ଉଜୁଡିଯାଉଥିବା ଶସ୍ୟକ୍ଷେତ୍ର, ବଣଜଙ୍ଗଲ ଉପରେ ଟିକେ ଦୃଷ୍ଟି ନିକ୍ଷେପ କରିବାର ଓ ଶୁଖିଯାଉଥିବା ନଇନାଳ କଥା ଟିକେ ଚିନ୍ତା କରିବାର । ଏଇଟା ବୋଧେ ଠିକ ସମୟ ଘୋଷାପାଠର ଶକ୍ତ ପଞ୍ଜାରୁ ମୁକୁଳିଯାଇ ତଥା ପୁଞ୍ଜିବାଦୀ, ଫାସିବାଦୀ, ଏକଛତ୍ରବାଦୀ, ଆତଙ୍କବାଦୀ ତଥା ବିସ୍ତାରବାଦୀ ଚିନ୍ତାଧାରାରୁ ଅନ୍ୟମନସ୍କ ହେଇ ଟିକେ ସମାଜବାଦର କଥା କହିବାର, ହିଂସା, ଈର୍ଷା, ପରଶ୍ରୀକାତରତାରୁ ଅନ୍ୟମନସ୍କ ହେଇ ସାମୁହିକ ଭାବେ ସତ୍ୟ, ଶାନ୍ତି ଓ ଅହିଂସାର ବାର୍ତ୍ତା ବାଣ୍ଟି ଦେଶ ଓ ଦଶର ଉନ୍ନତି କଥା ଚିନ୍ତା କରିବାର । ବେଳ ଆସିଛି ଧର୍ମୀୟ ସଂକୀର୍ଣ୍ଣତାରୁ ଅନ୍ୟମନସ୍କ ହେଇ ବସୁଧୈବ କୁଟୁମ୍ବକମ୍‌ର କଥା କହିବାର । ଜଳ, ସ୍ଥଳ, ଆକାଶ ସବୁଠି ତ ଅଧିକାର ଜାହିର କରିସାରିଲେଣି । ଆଉ ଅଧିକ କ'ଣ ଦରକାର !

ପଦ୍ମପୁର (ଆନନ୍ଦପୁର),
କେନ୍ଦୁଝର-୭୫୮୦୨୧
ମୋବାଇଲ ନଂ: ୯୪୩୭୦୨୨୬୬୯
ଇମେଲ:bsamalbbsr@gmail.com

# ନୋଟ ଅଚଳ- କଳାଧନ ରୋକିବାର ମାଧ୍ୟମ କି ?

ଅର୍ଥନୀତି ପ୍ରତ୍ୟେକ ରାଷ୍ଟ୍ରର ସମସ୍ତ ନୀତି ମଧ୍ୟରେ ଏକ ପ୍ରମୁଖ ନୀତି । ବିନା ଅର୍ଥନୀତିରେ ଶାସନ ତନ୍ତ୍ରର ଚକ ଇଂଚେହେଲେ ଘୁଞ୍ଚେନାହିଁ । ପୁନଶ୍ଚ ଅର୍ଥନୀତି ଅନୈତିକ ଧାରାରେ କେବେହେଲେ ଗତି କରେନାହିଁ; ମାତ୍ର ଅନୈତିକ ଧାରାରେ କ୍ଷମତାର ଅପବ୍ୟବହାର କରି ଯେଉଁ ଅର୍ଥ ଉପାର୍ଜନ କରାଯାଏ ଏବଂ ତାହା ପୁଞ୍ଜି ହୋଇ ରହିଲେ ସେହି ସମ୍ପାଦିତ ଧନକୁ 'କଳାଧନ' କୁହାଯାଏ । ଅନ୍ୟ ଅର୍ଥରେ ଦୁର୍ନୀତିରେ ଉପାର୍ଜିତ ଧନକୁ କଳାଧନ ବୋଲି କୁହା ଯାଇଥାଏ । ଏହାର ପରିମାଣ ଅବିରତ ବୃଦ୍ଧି ପାଇ ଚାଲିଲେ ଅର୍ଥନୀତି ବ୍ୟବସ୍ଥାର ନିରାପତ୍ତା ଏବଂ ସ୍ଥିତି ପ୍ରତି ଏକ ବିପଦ ଆସିଥାଏ ବୋଲି ବିଶିଷ୍ଟ ଅର୍ଥନୀତି ବିଜ୍ଞ ମାନଙ୍କ ମତ । କେତେକଙ୍କ ବିଚାରରେ ଏହି କଳାଧନ ସାରା ଭାରତ ବର୍ଷରେ କେବଳ ଦୁର୍ନୀତି ପରାୟଣ ଏବଂ କଳାବଜାରୀ ଙ୍କ ଦ୍ୱାରା ନିୟନ୍ତ୍ରିତ ହେଉନାହିଁ, ଦେଶର ବହୁ ପ୍ରତିଷ୍ଠିତ ଲୋକମାନଙ୍କ ପାଖରେ ମଧ୍ୟ ରହିଛି । ବେଳୁ ବେଳୁ ଅର୍ଥନୀତି ପରିପ୍ରେକ୍ଷୀରେ ଗଚ୍ଛିତ ଅର୍ଥର ଯେଉଁ ମୂଲ୍ୟାୟନ କରାଯାଉଛି ତାହା ସ୍ୱଳ୍ପ ସଂଖ୍ୟକ କ୍ଷମତାଶୀଳ ଲୋକଙ୍କ ପାଖରେ ଗଚ୍ଛିତ ଅର୍ଥ ବା ଧନସମ୍ପତ୍ତିର ମୂଲ୍ୟକୁ ନେଇ ଆକଳନ କରା ଯାଉନାହିଁ । ଏହି ଲୁକାୟିତ ଅର୍ଥର ପରିମାଣ କାହାର କେତେ ବିଶେଷ ଭାବରେ ରାଜନେତା ମାନଙ୍କର, ପାଟି ସ୍ୱଚ୍ଛ ନୁହେଁ ଯାହା ପ୍ରାୟ ସମସ୍ତଙ୍କୁ ଜଣା । ଏହି କଳାଧନ ଆବିଷ୍କାର ର ସ୍ୱର ପ୍ରଥମେ ସମାଜସେବୀ ଆନ୍ନା ହଜାରେଙ୍କ ଠାରୁ ଶୁଣିବାକୁ ମିଳିଥିଲା । ଭାରତରେ ଏଭଳି ମୁଷ୍ଟିମେୟ ସାଧୁ ଚିନ୍ତାଶୀଳ ନାଗରିକ ଅର୍ଥାତ ଆନ୍ନାଙ୍କ ଭଳି ହାତଗଣତି କେତେଜଣ କ'ଣ ଏ ଦେଶରୁ କଳାଧନର ଉତ୍ପାଟନ କରିବାକୁ ସମର୍ଥ କି ? ତଥାପି ଆନ୍ନାଙ୍କର ଏପରି ଶାଣିତ ସ୍ୱରରେ ୨୦୧୪ ମସିହା ନିର୍ବାଚନ ପୂର୍ବରୁ ବି.ଜେ.ପି ତଥା ମୋଦିଜୀ ବିଦେଶରେ ଗଚ୍ଛିତ ଥିବା କଳାଧନ ଫେରାଇଆଣି ପ୍ରତ୍ୟେକ ଦେଶବାସୀଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମା କରିବେ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ଏହା ଏକ ଅବାସ୍ତବ ତଥା ଅସମ୍ଭବ ପ୍ରତିଶୃତି ଥିଲେ ମଧ୍ୟ ସାଧାରଣ ନୀରିହ ଜନତା ମୋଦିଙ୍କ କଥାରେ ଭାବ ବିହ୍ୱଳ ହୋଇ ଭାସି ଯାଇଥିଲେ । ମାତ୍ର ନିର୍ବାଚନ ପରେ ମୋଦିଙ୍କ ସବୁ ପ୍ରତିଶୃତି ପାଣି ଫୋଟକା ପରି ଫାଟି ଯାଇଥିଲା । ଯାହା ଉପରେ ବିରୋଧି ଆଜି ମଧ୍ୟ ପ୍ରଶ୍ନ କରି ଚାଲିଛନ୍ତି, ଯାହାର ଉତର ଆଜି ପର୍ଯ୍ୟନ୍ତ ନା ପ୍ରଧାନ ମନ୍ତ୍ରୀ ବା ତାଙ୍କ ଦଳ ପକ୍ଷରୁ ମିଳିଛି । ୨୦୧୫ ଜୁଲାଇରେ ମଧ୍ୟ କଳାଧନ ପ୍ରତ୍ୟାହୃତ ପାଇଁ " ଅନଡିସକ୍ଲୋଜ ଫରେନ ଇନକମ୍ ଆଣ୍ଡ ଆସେଟ" ଆଇନ କାର୍ଯ୍ୟକାରୀ କରିଥିଲେ ମଧ୍ୟ ବିଦେଶରେ ଗଚ୍ଛିତ ଥିବା କଳାଧନ ଫେରାଇ ଆଣିବାକୁ ସକ୍ଷମ ହୋଇନଥିଲେ । ସେପରି ଆୟ ଘୋଷଣା ଯୋଜନା ପ୍ରଚଳନ କରି ଲୋକମାନେ ସ୍ୱତଃ ପ୍ରବୃତ କଳାଧନ ଘୋଷଣା କରନ୍ତୁ ବୋଲି ସରକାରଙ୍କର ଲକ୍ଷ ଥିଲା । ମାତ୍ର ମାନ୍ୟବର ମୋଦିଜୀ ଦିନୁଟିଏ ହେଲେ ନିଜ ଦଳର ତୁଙ୍ଗ ନେତା, ମନ୍ତ୍ରୀ, ବ୍ୟବସାୟୀ ମାନଙ୍କୁ ଏଭଳି ପ୍ରୋତ୍ସାହିତ କରି କହିଥିବାର ନଜିର ନାହିଁ । ଏହି ଯୋଜନାରେ ସେ ଲୋକମାନଙ୍କଠୁ ୨ଲକ୍ଷ କୋଟି ଟଙ୍କା କଳାଧନ ଘୋଷଣାର ଆଶା ରଖିଥିଲେ ମଧ୍ୟ ମାତ୍ର ଘୋଷିତ ହୋଇଥିଲା ୬୫,ହଜାର ୨୫୦ କୋଟି ଯେଉଁଥିରେ କୌଣସି ରାଜନେତାଙ୍କର ନାମ ନଥିଲା ପରି ମନେହୁଏ । ନିର୍ବାଚନ ପ୍ରଚାର ବେଳେ ପ୍ରଧାନ ମନ୍ତ୍ରୀ ମୋଦିଜୀ ଯେଉଁ ଶବ୍ଦବାଣ ଖଞ୍ଜି କଳାଟଙ୍କା ବିରୁଦ୍ଧରେ ଭାଷଣ ଦେଉଥିଲେ, ତାହା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନାହିଁ । ସେ କହିଥିଲେ କ୍ଷମତାକୁ ଆସିଲେ କଳା ଧନର ପର୍ଦା ଫାଶ୍ କରିବେ; ଅବଶ୍ୟ ଶାସନ ଭୋଗ କରିବାର ପ୍ରାରମ୍ଭ ରୁ ଏଥି ସମ୍ପର୍କରେ ସେ କିଛି ସମୟ ପାଇଁ ଯଦିଓ ମୁହଁ ଖୋଲି ଥିଲେ ତଥାପି ଅଦ୍ୟାବଧି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନର ସଙ୍କେତ ନାହିଁ । ଭାରତୀୟ ମାନଙ୍କର ବିଦେଶୀ ବ୍ୟାଙ୍କରେ ଗଚ୍ଛିତ କଳାଟଙ୍କା ଉପରେ ସମ୍ୟକ୍ ତଥ୍ୟ ପ୍ରଦାନ କରିବାକୁ ସେ ମଧ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ଆହ୍ୱାନ ଦେଇଥିଲେ । ଏଥିପାଇଁ ପ୍ରତିବନ୍ଧକ ଏବଂ ନିୟମର କାର୍ଯ୍ୟକାରିତା ଉପରେ ସେ ଯେତେବେଳେ ପ୍ରଶ୍ନ କଲେ ବିଦେଶୀ ସୁଇସ୍ ବ୍ୟାଙ୍କ କିଛିଟା ସର୍ତ୍ତ ରଖି ଗଣମାଧ୍ୟମରେ ସେତେବେଳେ ୯୨୯୫ କୋଟି ଟଙ୍କାର କଳାଧନ ରହିଛି ବୋଲି ପ୍ରକାଶ କରିଥିଲା । ସରକାର କଳାଟଙ୍କା ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନବାଣର ସମ୍ମୁଖୀନ ହେବାରୁ କଳାଟଙ୍କା ବିଦେଶରୁ ଫେରାଇ ଆଣିବା ଏକ ନିର୍ବାଚନୀ ଫର୍ମୁଲା ବା ଚାଲ ଥିଲା ବୋଲି ମାନିଥିଲେ । ତେଣୁ ସରକାର ତାଙ୍କର ଏହି ବିଫଳ ନୀତିକୁ ଘୋଡାଇବା ପାଇଁ ୫୦୦ ଟଙ୍କା, ୧୦୦୦ ଟଙ୍କା ନୋଟ ଅଚଳ କୁ ଏକ ଅସ୍ତ୍ର କରିଥିଲେ । ମାତ୍ର ଏହାର ପ୍ରକୃତ ଅର୍ଥ ଥିଲା ଉତରପ୍ରଦେଶ ନିର୍ବାଚନ ଏବଂ ସରକାର କଳାଟଙ୍କା ଦୁର୍ନୀତି ବିରୁଦ୍ଧରେ ଲଢେଇ କରୁଛନ୍ତି ବୋଲି ଜନତାଙ୍କ ହୃଦୟ ଜୟ କରିବା ।

ନୋଟ ଅଚଳ କରିବାର ପ୍ରମୁଖ କାରଣ ହେଲା ରିଜର୍ଭବ୍ୟାଙ୍କ ତାର ଧାର୍ଯ୍ୟ ଲକ୍ଷ ଅନୁସାରେ ଯେତେ ପରିମାଣର ଅର୍ଥ ବଜାରରେ ଛାଡିଥାଏ ତାହା ସଂଚାଳନ କରିଥାଏ । ସେଥିରେ ଯେତେବେଳେ ଜାଲନୋଟ ମିଶିଥାଏ ମୁଦ୍ରା ସଂଚାଳନ ଅଧିକ ହୋଇ ମୁଦ୍ରାସ୍ଫୀତି ଘଟିଥାଏ । ଦ୍ୱିତୀୟରେ ଲୋକମାନେ ନିଜ ଘରେ ଅଧିକ ପରିମାଣର ଟଙ୍କା ଗୁପ୍ତ ଭାବରେ ରଖିଥାନ୍ତି ଫଳରେ ବଜାରରେ ନଗଦ ମୁଦ୍ରାର ଅଭାବ ଘଟିଥାଏ । ସେହି ସମୟରେ ନୋଟ ଅଚଳ କରା ଯାଇଥାଏ । ଏଣୁ ହଠାତ୍ ଟଙ୍କା ଅଚଳ କରିଦେଲେ ଯେଉଁମାନେ ଲକ୍ଷାଧିକ ଟଙ୍କା ଗଚ୍ଛିତ ରଖୀଥାନ୍ତି ତାହା ଅଚଳ ହୋଇଯାଏ । ଯେ ହେତୁ ସେ ସବୁ ହେଉଛି ବେଆଇନ ଅର୍ଜିତ ଧନ ଯାହାର ସରକାରୀ ରେକର୍ଡ ନଥାଏ ବା ତାର ଅର୍ଜିତ ମାଧ୍ୟମ ମଧ୍ୟ ପ୍ରତିପାଦିତ ହୋଇନଥାଏ । ଯାହାକୁ ବ୍ୟାଙ୍କରେ ଫେରସ୍ତ ନେବାରେ ଅନେକ ସମସ୍ୟା ଦେଖା ଯାଇଥାଏ । ଯଦି ଆମେ ନୋଟ ବନ୍ଦର ଅତିତ ଇତିହାସକୁ ଅନୁଧ୍ୟାନ କରିବା ତେବେ ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ । ଯାହାହେଲା ଅନେକ ଅପରାଧୀ, ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଏହି କଳାଟଙ୍କା ଉପରେ ପର୍ଯ୍ୟବେସିତ ଥାଏ । ଏକଦା ୟୁରୋପୀୟ ସେଂଟ୍ରାଲବ୍ୟାଙ୍କ 'ୟୁରୋ' ୫୦୦ ନୋଟ ଅଚଳ କରିଥିଲା ଯାହାକୁ ସେତେବେଳେ ବିନ୍ ଲାଦେନ୍ ନୋଟିସ କୁହାଯାଉଥିଲା । କାରଣ ଏହି 'ୟୁରୋ' ୫୦୦ ର ଚାଲାଣ ଦ୍ୱାରା ବିନ ଲାଦେନ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଉଥିଲା । ଆମ ଭାରତ ସ୍ୱାଧୀନତା ପୂର୍ବରୁ ଅର୍ଥାତ ୧୯୪୬ ମସିହାରେ ୧୦୦୦ ଟଙ୍କା ଓ ଦଶହଜାର ଟଙ୍କା ଅଚଳ କରିବାର ମୁଖ୍ୟ


ଉମାଶଙ୍କର ପ୍ରସାଦ

ଉଦ୍ଦେଶ୍ୟ ଥିଲା କଳାଧନ ରୋକିବା ବା ଅନ ଆକାଉଂଟେଡ ମୁଦ୍ରା ଅଚଳ କରିବା । ୧୯୭୮ ରେ ତତ୍କାଳୀନ ଜନତା ସରକାର ମଧ ୧୦୦୦, ୫୦୦୦, ଓ ୧୦,୦୦୦ ଟଙ୍କା ଅଚଳ କରିଥିଲେ । ମାତ୍ର ଏହି ନୋଟ ଅଚଳ କରିବାରେ କେତେ କଳାଧନ ଆସିଛି ତାର ଶ୍ୱେତପତ୍ର ଏପର୍ଯ୍ୟନ୍ତ ପ୍ରକାଶ ପାଇନି । ଚଳିତ ମାସ ୧୮ ତାରିଖରେ ରିଜର୍ଭବ୍ୟାଙ୍କ ୨୦୦୦ ଟଙ୍କିଆ ନୋଟ ଆଗାମୀ ସେପ୍ଟେମ୍ବର ସୁଦ୍ଧା ଅଚଳ ହୋଇଯିବ ବୋଲି ଘୋଷଣା କରିଛନ୍ତି । ଏବଂ ଜନ ସାଧାରଣଙ୍କୁ ୪ ମାସରୁ ଉର୍ଦ୍ଧ ସମୟ ପ୍ରଦାନ କରି ଯେଉଁମାନଙ୍କ ପାଖରେ ଏହି ୨୦୦୦ ଟଙ୍କା ଗଚ୍ଛିତ ଅଛି ସେମାନେ ନିଜ ଆକାଉଂଟ ଥିବା ବ୍ୟାଙ୍କ ତଥା ଅନ୍ୟ ବ୍ୟାଙ୍କରେ ମଧ କେ.ୱାଇ.ସି ପ୍ରଦାନ କରି ଉକ୍ତ ଟଙ୍କାକୁ ପରିବର୍ତ୍ତନ କରି ପାରିବେ । ତେବେ ଏହି ଟଙ୍କା ଅଚଳ କରିବାର କାରଣକୁ ଯଦି ଖୋଜାଯାଏ ତେବେ ଆଗକୁ ୫ଟି ରାଜ୍ୟର ନିର୍ବାଚନ ହେବାକୁ ଥିବାବେଳେ ଏହି ୨୦୦୦ ଟଙ୍କା ବହୁଳ ପରିମାଣରେ ଗଚ୍ଛିତ ଥିବା ବାବୁମାନଙ୍କ ପାଖରେ ନିର୍ବାଚନ ବେଳକୁ ରଦି ପ୍ରାୟ ହୋଇଯିବ । ତେଣୁ ସମସ୍ତେ ଚାହିଁବେ ଯେନ ତେନ ପ୍ରକାରେଣ ଏହାକୁ ପରିବର୍ତ୍ତନ କରିବାକୁ । ଏହି ଘୋଷଣା ପୂର୍ବରୁ ନିଜ ଦଳର ବାବୁ ମାନେ ତାଙ୍କର ସୁବିଧା କରିସାରିଥିବେ ବୋଲି ଆଶା । ତେଣୁ ପ୍ରଥମେ ଏହି ୨୦୦୦ ଟଙ୍କା ଓ କେଉଂ ବ୍ୟକ୍ତି ବିଶେଷ ତଥା ରାଜନେତା, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ଠୁ ଆରମ୍ଭ କରି ବ୍ୟବସାୟୀ, ସାଧାରଣ ଜନତାଙ୍କର ଏକ ଶ୍ୱେତପତ୍ର ପ୍ରକାଶିତ ହେବା ଦରକାର । ଏହି ୨୦୦୦ ଟଙ୍କିଆ ବାବଦରେ ଜନସାଧାରଣ ବା ଟଙ୍କା ବଦଳକାରୀ ଙ୍କୁ ସେହି ସମପରିମାଣର ୫୦୦, ୨୦୦, ୧୦୦ ଟଙ୍କିଆ ର ଆବଶ୍ୟକତା କୁ ଦୃଷ୍ଟିରେ ରଖି ସରକାର ପଦେକ୍ଷପ ନେବେ । ତେବେ ପ୍ରଶ୍ନ ଉଠେ ଏହି କଳାଧନ ଉତ୍ପାଟନର କ'ଣ ନୋଟ ଅଚଳ ଏକମାତ୍ର ବିକଳ୍ପ ଯାହାର ଉତର ପ୍ରତ୍ୟେକ ଭାରତୀୟଙ୍କୁ ଦେବାକୁ ପଡିବ ?

କାହିଁକି ମୁଷ୍ଟିମେୟ ନାଗରୀକ ,ରାଜନେତା, ଅସାଧୁ ବ୍ୟବସାୟୀ ନିଜ ନିଜ ନେତା ତଥା ମନ୍ତ୍ରୀ ମାନଙ୍କ ସହ ମଦୁଚନ୍ଦ୍ରିକ ଭାବ ରଖି ନିଜ କ୍ଷମତାର ଅପବ୍ୟବହାର କରି ଏ ଦେଶରେ କଳାଟଙ୍କାର ଅଧିକାରୀ ହେବେ, ଅଥଚ ଦେଶର ଅର୍ଦ୍ଧ ପ୍ରତିଶତ ନାଗରୀକ ଦୀନ ଦରିଦ୍ର ଭଳି କାଳ କାଟି ଚାଲିବେ? ଏ କ'ଣ ଗଣତନ୍ତ୍ରର ସ୍ୱରୂପ ? ଗଣତନ୍ତ୍ରର ଦର୍ଶନ କ'ଣ ଏଇଆ ଲୋକଙ୍କୁ ଶିକ୍ଷା ଦିଏ ? ଗଣତନ୍ତ୍ର ଶାସନରେ ନାଗରିକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ହେଉଛି ସରକାରଙ୍କର ପ୍ରଥମ କର୍ତ୍ତବ୍ୟ, ସେପରି ସ୍ଥଳେ ଦୁର୍ନୀତି ଗ୍ରସ୍ତ ରାଜନେତା, ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ, ଡାକ୍ତର, ଲାଞ୍ଚଖୋର ବ୍ୟବସାୟୀ, ଟାଉଟର, ଗୁଣ୍ଡା, ବଦମାସ ଏହିପରି ବ୍ୟକ୍ତି ବିଶେଷଙ୍କୁ ଘୋଡାଇବାର ଯଥାର୍ଥତା କଣ ? ତେଣୁ କୁହାଯାଏ ଲୋଭ ଓ ଲାଭର ପରିଣତି ସଦା ସର୍ବଦା ଭୟାବହ ହୋଇଥାଏ । ଏହାସତ୍ତ୍ୱେ କ୍ଷମତା ବହିର୍ଭୁତ ଆୟ ଜମାଇ ରଖିବାରେ ଭାରତୀୟ ରାଜନେତା, ଅମଲାତନ୍ତ୍ର ବେଶ ଧୂରୀଣ । ତେଣୁ ପ୍ରତ୍ୟେକ ରାଜନେତ. ଶାସକ, ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ ଏବଂ ଅନେକ ବୁଦ୍ଧିଜୀବୀ ବୋଲାଉଥିବା ବ୍ୟକ୍ତିଙ୍କ ପାଖରେ କଳାଧନ ରହିଛି । ତାହାକୁ ଜାଣିବାର ଏକମାତ୍ର ପନ୍ଥା ଏହାର ସତ୍ୟ ପ୍ରମାଣ ଓ ତଥ୍ୟକୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ । କ୍ଷମତାଶୀଳ ବ୍ୟକ୍ତି ମାନଙ୍କ ପାଖରେ ଗଚ୍ଛିତ ଅର୍ଥ ବା ଧନସମ୍ପତିର ସତ୍ୟପାଠ କରାଇବା ସହ ଏହାର ବହିର୍ଭୂତ ସମ୍ପତିକୁ ବ୍ୟାଜ୍ୟାପ୍ତି କରି ପାରିଲେ ଏ ସମସ୍ୟାର ସମାଧାନ ହେବ ନା କେବଳ ନୋଟ ବନ୍ଦ କରିଦେଲେ ଏହାର ସମାଧାନ ହୋଇଯିବ ମୋର ସୁଧୀ ପାଠକେ ବିଚାର କରିବେ ।

ଖୋର୍ଦ୍ଧା,ସମ୍ପାଦକ, ମାର୍ଗଦର୍ଶୀ
ମୋ: ୬୩୭୦୬ ୭୫୫୬୨

# ସୁସ୍ଥ ଶୈଶବ

ପିଲାଙ୍କୁ ବୁଝିବା ସହ ତାଙ୍କର ଲାଳନ ପାଳନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ତେବେ ଏଥିପାଇଁ ଅଭିଭାବକଙ୍କୁ ତାଙ୍କର ସମସ୍ତ ପଦକ୍ଷେପ ଦେଖିଚାହିଁ ନେବାକୁ ହୋଇଥାଏ ।

ଘରେ ରଖନ୍ତୁ ଗେଟ ଟୁଗେଦର : ନିଜେ ଯେତେ ବ୍ୟସ୍ତ ରହିଲେ ମଧ ପିଲାଙ୍କୁ ସମୟ ଦିଅନ୍ତୁ । ପିଲାଙ୍କ ମନ ଖୁସି ପାଇଁ ଛୁଟି ଦିନରେ ଛୋଟ ଛୋଟ ଗେଟ ଟୁଗେଦର ରଖନ୍ତୁ । ସେଥିରେ ଛୋଟ ପିଲାଙ୍କୁ ସାମିଲ କରନ୍ତୁ । ଏଭଳି କଲେ ପିଲା ଅନ୍ୟ ପିଲାଙ୍କ ସହ ମିଶିବା ସହିତ ସେମାନଙ୍କ ଠାରୁ କିଛି ଭଲ କଥା ଶିଖିପାରିବ ।

ଶାନ୍ତ ରୁହନ୍ତୁ : ତେବେ ପିଲାଙ୍କ ସହିତ ସର୍ବଦା ପିଲା ହେବାକୁ ପଡ଼ିଥାଏ । ଅନେକ ସମୟରେ ପିଲାଙ୍କ ମନକୁ ବୁଝିବା ପାଇଁ ତାଙ୍କ ଭଳି ଭାବିବାକୁ ହୋଇଥାଏ । ତେବେ ଏ ସମୟରେ ସବୁଠାରୁ ବଡ଼ ଅସ୍ତ୍ର ହେଲା ଶାନ୍ତ ରହିବା ।

ଦିଅନ୍ତୁ ନାହିଁ ମାଡ଼ : ଅନେକ ସମୟରେ ପିଲାଙ୍କ ବିଭିନ୍ନ ଅଳି ଅଝଟକୁ ରୋକିବା ପାଇଁ ବାପା, ମା'ମାନେ ମାଡ଼ର ଆଶ୍ରୟ ନେଇଥାନ୍ତି । ହେଲେ ମାଡ଼ କୌଣସି ବି ସମସ୍ୟାର ସମାଧାନ ନୁହେଁ । ଏହାର ପ୍ରଭାବ ପିଲାଙ୍କ ବ୍ୟବହାରରେ ସଙ୍ଗେ ସଙ୍ଗେ ପରିଲକ୍ଷିତ ହୋଇଥାଏ ।

ବେଶି ମଜା କରନ୍ତୁ ନାହିଁ : ପ୍ରତିଘରେ ଏଭଳି କିଛି ଲୋକଥାଆନ୍ତି ଯେଉଁମାନେ ଛୋଟ ପିଲାଙ୍କ ସହିତ ସର୍ବଦା ମଜା କରୁଥାନ୍ତି । ତେବେ ଏହା ପିଲାର ମାନସିକତା ସ୍ୱାସ୍ଥ୍ୟ ପାଇଁ ଉଚିତ ନୁହେଁ ।

ଦିଅନ୍ତୁ ପୁରସ୍କାର : ଛୋଟ ପିଲାଙ୍କୁ ସାବାସି ଦେବା ଅତ୍ୟନ୍ତ ଜରୁରୀ । ସେମାନଙ୍କ କାମର ପ୍ରଶଂସା ସେମାନଙ୍କୁ ଆଗକୁ ନେଇଥାଏ । ତେଣୁ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ସର୍ବଦା ନିଜ ପିଲାର କାମକୁ ପ୍ରଶଂସା କରନ୍ତୁ । ସେ ଯଦି କିଛଇ ଭଲ କରୁଛି, ତେବେ ତାହାକୁ ଛୋଟ କିଛି ଦେଇ ତାହାକୁ ଆଗକୁ ବଢ଼ିବାକୁ ଉତ୍ସାହିତ କରନ୍ତୁ । ଏଭଳି କରିବା ଦ୍ୱାରା ପିଲାଙ୍କ ମନରେ ସକରାତ୍ମକତା ବଢ଼ିଥାଏ ।

ପିଲାଙ୍କୁ ଦିଅନ୍ତୁ ସମୟ : ଗୋଟିଏ ପିଲାର ସବୁଠାରୁ ଅଧିକ ଦରକାର ହୁଏ ସମୟ । ତେଣୁ ସର୍ବଦା ନିଜର ବ୍ୟସ୍ତ ଜୀବନ ମଧ୍ୟରୁ କିଛି ସମୟ କାଢି ନିଜ ପିଲାଙ୍କୁ ଦିଅନ୍ତୁ । ଯଦି ଆପଣ ପିଲାଙ୍କୁ ସବୁଦିନ କିଛି ସମୟ ଦେବେ, ତାଙ୍କ ପାଖେ ବସିବେ, ତାଙ୍କ କଥା ଶୁଣିବେ, ତେବେ ଆପଣଙ୍କ ସମ୍ପର୍କ ନିବିଡ଼ ହେବ ।

ଅନ୍ୟଙ୍କ ଆଗରେ ରୁହନ୍ତୁ ସତର୍କ : ସର୍ବଦା ଅନ୍ୟଙ୍କ ଆଗରେ ପିଲାଙ୍କ ସହ କଥା ହେବା ବେଳେ ସତର୍କ ରୁହନ୍ତୁ । ଅନ୍ୟମାନଙ୍କ ଆଗରେ ପିଲାଙ୍କୁ କେବେ ବି ଗାଳି କରନ୍ତୁ ନାହିଁ । ସେହିଭଳି ସେମାନଙ୍କୁ ଅନ୍ୟ ଆଗରେ କେବେ ବି ନିଚା ଦେଖାନ୍ତୁ ନାହିଁ । ବାପା-ମାଆ କେବେ ବି ପିଲାଙ୍କ ଖରାପ ଚାହିଁବେନି । ହେଲେ ନିଜ ଅଜାଣତରେ ସେମାନେ ପିଲାଙ୍କର କ୍ଷତି କରିବସନ୍ତି ।

ପ୍ୟାରେଣ୍ଟାଲ କଣ୍ଟ୍ରୋଲ : ପିଲାଙ୍କୁ ଫୋନରୁ ଦୂରେଇ ରଖିବା ଏବେ ଅସମ୍ଭବ ହୋଇଗଲାଣି, କିନ୍ତୁ ପିଲାଙ୍କୁ ସଠିକ ବିଷୟବସ୍ତୁ ଦେଖାଇବା ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ । ତେଣୁ ପ୍ୟାରେଣ୍ଟାଲ ଲକ ଲଗାଇ ଆପଣ ନିଜ ସନ୍ତାନଙ୍କ ଉପରେ ନଜର ରଖିପାରିବେ ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪




## ଧାନର ସାମାନ୍ୟ ଏମଏସପି ବୃଦ୍ଧିରେ ଚାଷୀଙ୍କୁ ପ୍ରତାରିତ କରାଯାଇଛି : ପିସିସି କିଷାନ କଂଗ୍ରେସ

ଭୁବନେଶ୍ୱର, (ପି.ଏନ): କୃଷି ଉତ୍ପାଦନରେ ବର୍ତ୍ତମାନ ଯେପରି କୃଷି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି, ଚାଷୀ ତା'ର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପାଇପାରୁନାହିଁ। ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ ଉତ୍ପାଦନ ଖର୍ଚ୍ଚ ମୂଲ୍ୟରେ ଦେଢ଼ଗୁଣା ବୃଦ୍ଧି କରାଯିବ ବୋଲି ୨୦୧୪ସାଧାରଣ ନିର୍ବାଚନରେ ବିଜେପି ଦଳ ଚାଷୀମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ଶାସନକୁ ଆସିଥିଲେ। ଇତି ମଧ୍ୟରେ ଶାସନ ୯ ବର୍ଷ ପୂରିଲାଣି। ଏ ପର୍ଯ୍ୟନ୍ତ ପ୍ରତିଶ୍ରୁତି ମୁତାବକ ଏମଏସପିର ମୂଲ୍ୟବୃଦ୍ଧି କରାଗଲା ନାହିଁ କିମ୍ବା ଏମଏସପିକୁ ଆଇନଗତ ଗ୍ୟାରେଣ୍ଟି ମାନ୍ୟତା ମିଳିଲା ନାହିଁ। ଚଳିତ ଖରିଫରେ ସରକାର ଧାନ କ୍ୱିଣ୍ଟାଲ ପ୍ରତି ଯେଉଁ ସାମାନ୍ୟତମ ୧୪୩ ଟଙ୍କାର ମୂଲ୍ୟ ବୃଦ୍ଧି କରିଛନ୍ତି ଏହା ନରେନ୍ଦ୍ର ମୋଦି ସରକାରର ଚାଷୀଙ୍କ ପ୍ରତି ପ୍ରତାରଣା ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଓଡ଼ିଶା ପ୍ରସଙ୍ଗରେ ୨୦୧୭ ମସିହାରେ ପ୍ରତି କ୍ୱିଣ୍ଟାଲ ଧାନ ଉତ୍ପାଦନରେ ୨୩୪୪ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାର ଆକଳନ କରାଯାଇଥିଲା। ତଦନୁଯାୟୀ ସେତେବେଳେ ଧାନ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଧାନସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ଗୃହ କମିଟିକୁ ସାକ୍ଷାତ ପାଇଁ ସମୟ ଦେଲେନାହିଁ। ଓଡ଼ିଶାର ମୁଖ୍ୟ ଫସଲ ଧାନ। ତେଣୁ ଖର୍ଚ୍ଚ ତୁଳନାରେ ଏମଏସପିର ସଠିକ୍ ମୂଲ୍ୟ ବୃଦ୍ଧି ନ ହେବା ଯୋଗୁଁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାର ଏବେ ଧାନ କ୍ୱିଣ୍ଟାଲ ପ୍ରତି ଏମଏସପିରେ ଯେଉଁ ୧୪୩ ଟଙ୍କା ବୃଦ୍ଧି କରିଛନ୍ତି ଏହା ଚାଷୀର କ୍ଷତି ଭରଣାରେ ଦୀର୍ଘସ୍ଥାୟୀ ସମାଧାନ ନୁହେଁ କିମ୍ବା ଚାଷୀର ଆୟ ଦୁଇଗୁଣା ହୋଇ ପାରିବ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଅବିଳମ୍ବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ସର୍ବଦଳୀୟ ବୈଠକରେ ତୁରନ୍ତ ନିଷ୍ପତ୍ତି ନେବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ, ଉପାଧ୍ୟକ୍ଷ ଉମେଶ ସାହୁଙ୍କ ସହିତ ବରଗଡ଼ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଗୁଣମଣି ସାହୁ, ବଲାଙ୍ଗିର ସାନନ୍ଦ ମିଶ୍ର, ସୁବର୍ଣ୍ଣପୁର ନରେନ୍ଦ୍ର ପଣ୍ଡା, ବୌଦ୍ଧ ରଘୁନାଥ ପଲିଆ, କଳାହାଣ୍ଡି ତୁଳେଶ୍ୱର ନାୟକ, ଦେବଗଡ଼ ସନ୍ତୋଷ ସାହୁ, ସମ୍ବଲପୁର ଗୋବିନ୍ଦ ମିଶ୍ର, ଖୋର୍ଦ୍ଧା ବିଶ୍ୱଜିତ୍ ମିଶ୍ର, ମନୋଜ ନାୟକ, ଅନୁଗୋଳ ଦାଶରଥି ସାହୁ, ମାଲକାନଗିରି ମଙ୍ଗୁ ଖିଲ୍ଲ, କୋରାପୁଟ ଭବାନୀ ଶଙ୍କର ରଥ, ବାଲେଶ୍ୱର ଜୟନ୍ତ ମହାପାତ୍ର ପ୍ରମୁଖ ଚାଷୀନେତାମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି।

## ରାଜ୍ୟ ସରକାର ଆନ୍ଦୋଳନରତ ଜିଲ୍ଲା ଅମଲାମାନଙ୍କର ଦାବି ପୂରଣ କରିବାକୁ ଅନୁରୋଧ

ଭୁବନେଶ୍ୱର,(ପି.ଏନ): ଜିଲ୍ଲାସ୍ତରୀୟ ଅମଲାମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ରାଜ୍ୟ ସରକାର ୨୦୧୭ ମସିହାଠାରୁ ସ୍ଥିର କରିଥିଲେ। କିନ୍ତୁ ଦରମାରେ କୌଣସି ପରିବର୍ତ୍ତନ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ। ସେଥିନିମନ୍ତେ ରାଜ୍ୟରେ ଜିଲ୍ଲାସ୍ତରୀୟ ଅମଲାମାନେ ସେମାନଙ୍କର ଦାବିପତ୍ର ରାଜ୍ୟ ସରକାରଙ୍କୁ ବହୁବାର ଦେଇ ଆସୁଛନ୍ତି। ଜିଲ୍ଲାସ୍ତରୀୟ ଅମଲାମାନଙ୍କର ଦରମା ଅନ୍ୟ ରାଜ୍ୟ ଭଳି ଦିଆଯାଉନାହିଁ। କନିଷ୍ଠ ଅମଲାମାନଙ୍କର ଦରମାରେ ୪୨୦୦ ଗ୍ରେଡ୍ ପେ' ସହ ଲେଭୁଲ୍-୯ର ଦରମା ଦେବା ନେଇ ବର୍ତ୍ତମାନ ସମଗ୍ର ରାଜ୍ୟରେ ଜିଲ୍ଲାସ୍ତରୀୟ ମିନିଷ୍ଟେରିଆଲ ଅମଲାମ ତରଫରୁ ଆନ୍ଦୋଳନ କରୁଛନ୍ତି। ସମସ୍ତେ ସମୂହ ଛୁଟି ନେଇ ପ୍ରତିବାଦ କରୁଛନ୍ତି। ରାଜ୍ୟ ସରକାର ୨୦୧୯ ମସିହାରୁ ଯେଉଁ ଆଦେଶନାମା ଜାରି କରିଛନ୍ତି, ତାହା ମଧ୍ୟ ଅନେକ ବିଭାଗରେ କାର୍ଯ୍ୟକାରୀ କରାଯାଉନାହିଁ। ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅମଲାମାନଙ୍କର ଯେପରି ପଦୋନ୍ନତି ହେବାର କଥା ତାହା ମଧ୍ୟ କେତେକ ବିଭାଗରେ କରାଯାଉନାହିଁ। କେତେକ ବିଭାଗର ନିର୍ଦ୍ଦେଶକମାନେ ସାଧାରଣ ପ୍ରଶାସନ ବିଭାଗର ଆଦେଶକୁ ଅବମାନନା କରି ଜିଲ୍ଲା ବାହାରୁ ଅମଲାମାନଙ୍କୁ ବଦଳି ଜାରି ରଖିବାର ସହ ଅମଲାମାନଙ୍କ ପଦୋନ୍ନତି ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ କେତେକ ନିର୍ଦ୍ଦେଶନାମା କ୍ଷମତା ପ୍ରଦାନ କରୁନାହାନ୍ତି। ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ ଗ୍ରୁପ୍ 'ଡି' କର୍ମଚାରୀଙ୍କୁ ଶତକଡ଼ା ୨୦ ଭାଗ କନିଷ୍ଠ ସହାୟକ ପଦବୀକୁ ପଦୋନ୍ନତି ଦେବା ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାହା କାର୍ଯ୍ୟକାରୀ କରାଯାଉନାହିଁ ଏବଂ କେତେକ ଜିଲ୍ଲାରେ ଜିଲ୍ଲାପାଳମାନେ ଏବଂ ବିଭାଗୀୟ ସେକ୍ସନ୍ ଅଫିସରମାନଙ୍କ ମଧ୍ୟରେ ନିୟମ ଅନୁଯାୟୀ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ପଦୋନ୍ନତ ଦେଉଥିବା ବେଳେ କେତେକ ଜିଲ୍ଲାରେ ମଧ୍ୟ ପଦୋନ୍ନତି ଦିଆଯାଇନାହିଁ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡିଏଫସି କ୍ରେଡିଟ କାର୍ଡ଼ ଏବଂ ଡେବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ ଶୃଙ୍ଖଳ, ଓ୍ୱେରେବୁଲ୍‌ସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅଧୀନରେ ଏହାର ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ଓ୍ୱାରେବୁଲ୍‌ସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଚ୍ଛାବଚ୍ଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓ୍ୱେରେବୁଲସ ଉପରେ ଏଚଡିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓ୍ୱେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ରହିବ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏବଂ ଏସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡାଉନପେମେଣ୍ଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, "ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଟଷ୍ମ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟରେ ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷଷ୍ମ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷଷ୍ମ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷଷ୍ମ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ସଇଁତଳା ରେଞ୍ଜ କର୍ମଚାରୀ ୪ ଟି ଶାଗୁଆନ ଗଣ୍ଡୀ ସହିତ ଅଧତିଆରି ସରଞ୍ଜାମ ଜବତ କଲେ

ବଲାଙ୍ଗିର ,(ପି.ଏନ): ସଇଁତଳା ରେଞ୍ଜ ର କର୍ମଚାରୀ ମାନେ ୪ ଟି ଶାଗୁଆନ ଗଣ୍ଡି ସହିତ ଅଧା ତିଆରି ସୋଫା ସେଟ୍, ଅଧା ତିଆରି ଶଯ୍ୟା ଏବଂ ଅଧା ତିଆରି ଡାଇନିଂ ସେଟ୍ ଜବତ କରିଥିଲେ । କନ୍ଧକେଲଗାଁ ବିଭାଗର ବାହାଲି ଗ୍ରାମରେ ଥିବା ଶ୍ରୀ ଅରୁଣ ସାହୁଙ୍କ ଘର ପରିସରରେ ଏହି ସାମଗ୍ରୀମାନେ ଜବତ ହୋଇଛି। ଜବତ ସାମଗ୍ରୀ ପରବର୍ତ୍ତୀ ଅନୁସନ୍ଧାନ ପାଇଁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏହି ଅପରେସନ୍ ରେଞ୍ଜ ଅଫିସର ଶ୍ରୀମତୀ ସଂଘମିତ୍ରା ଭୋଇଙ୍କ ନିର୍ଦ୍ଦେଶନାରେ ଶ୍ରୀ ସୁଶୀଲ ପୁଟା, ଫରେଷ୍ଟର, ଶ୍ରୀ ଛନ୍ଦାଚରଣ ଜାନି, ଫରେଷ୍ଟ ଗାର୍ଡ, ଶ୍ରୀମତୀ ମଧୁସ୍ମିତା ବେହେରା, ଫରେଷ୍ଟ ଗାର୍ଡ, ଶ୍ରୀମତୀ ପ୍ରଜ୍ଞା ମହାରଣା, ଫୋରେଷ୍ଟ ଗାର୍ଡ, ସଇଁତଳା ରେଞ୍ଜ ର ପାରା ଷ୍ଟାଫ୍ ସହିତ କରାଯାଇଥିଲା




# ୭ ଏଟିଏମ ଲୁଟେରା ଗିରଫ, ୩ଲକ୍ଷ ୬୮ ହଜାର ଟଙ୍କା, ୨ଟି କାର, ଲୁଟ୍ ଏଟିଏମ୍ ମେସିନ୍ ଓ ମାରଣାସ୍ତ୍ର ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ବଜାରରୁ ଗତ ୨୪ ତାରିଖରେ ଏସବିଆଇ ଏଟିଏମ ମେସିନ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ । ଲୁଟ ଘଟଣାରେ ସମ୍ପୃକ୍ତ ରାଜସ୍ଥାନର ୫ ଜଣ ଲୁଟେରା ସମେତ ଓଡିଶାର ୨ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୬୮ ହଜାର ଟଙ୍କା, ନମ୍ବର ପ୍ଲେଟ ବଦଳାଯାଇ ଡକାୟତିରେ ବ୍ୟବହୃତ ହୋଇଥିବା ୨ଟି କାର, ଲୁଟ ଏଟିଏମ ମେସିନ, ଏଟିଏମ ଲୁଟରେ ବ୍ୟବହୃତ ସରଂଜାମ, ୮ଟି ମୋବାଇଲ ଫୋନ ଓ ୧୦ଟି ସିମ କାର୍ଡ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ଅଲୱର ଜିଲ୍ଲାର ଅସଲମ ହାସମି (୩୫), ସଦାମ ହୋସେନ (୩୦), ମହମ୍ମଦ ଜମସେଦ ଖାଁ (୩୨), ସୁମିତ କୁମାର (୩୨), ରାଜସ୍ଥାନ ଦୋସା ଜିଲ୍ଲାର ଏମପି ମିନା (୨୩)। ଏଥିସହ ଏମାନଙ୍କୁ ଦାନଗଦିଠାରେ ଘରଭଡା କରାଇଥିବା ଯାଜପୁର ରୋଡ ଥାନା ଦାନଗଦି ତ୍ରିଜଙ୍ଗା ଅଂଚଳର ସେକ ଇଦ୍ରିସ (୩୬) ଓ ଏମାନଙ୍କୁ ସିମ କାର୍ଡ ଯୋଗାଇଥିବା ଖୋର୍ଦ୍ଧା ଜିଲ୍ଲା ଚତ୍ରମା ଅଂଚଳର ତପନ କୁମାର ପ୍ରଧାନ (୨୮) । ସୂଚନା ମୁତାବକ ଧର୍ମଶାଳା ଥାନା ନେଉଳପୁର ବଜାରରେ ଥିବା ଏଟିଏମ ମେସିନକୁ ଗତ ୨୪ ତାରିଖ ରାତିରେ ଦୁର୍ବୃତମାନେ ତାଡି ନେଇଯାଇଥିଲେ । ଏହି ଘଟଣା ୨୫ ତାରିଖ ସକାଳେ ଜଣାପଡିବା ପରେ ଏସବିଆଇ ଏଟିଏମ ପ୍ରୋଜେକ୍ଟ ମ୍ୟାନେଜର ପ୍ରିତମ କୁମାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୪୮୫/୨୨ରେ ଏକ କେସ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଚୋରୀ ହୋଇଥିବା ଏଟିଏମ ମେସିନରେ ୫ଲକ୍ଷ ୬୭ ହଜାର ୫ ଶହ ଟଙ୍କା ରହିଥିବା ମ୍ୟାନେଜର କହିଥିଲେ । ପରେ ପୁଲିସ ବିଶେଷ ସୂତ୍ରରୁ ଘରଭଡା ଯୋଗାଡ କରିଥିବା ଦାନଗଦି ଅଂଚଳର ଇଦ୍ରିସକୁ ପ୍ରଥମେ ଗିରଫ କରିବା ପରେ ତା'ଠାରୁ ତଥ୍ୟ ହାସଲ କରି ଲୁଟେରାମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ତେବେ ଏହି ଡକାୟତମାନେ ମୟୁରଭଂଜ ଜିଲ୍ଲାରେ ଏହିଭଳି ଏକ ଏଟିଏମ୍ ଲୁଟ୍‌ର ଯୋଜନା କରିଥିବା ମୟୁରଭଂଜ ପୁଲିସ ଖବର ପାଇ ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା । ପରେ ମୟୁରଭଂଜ ପୁଲିସ ଓ ଯାଜପୁର ପୁଲିସ ମିଳିତ ଭାବେ ଦାନଗଦି ଅଂଚଳରେ ଚଢାଉ କରି ରାଜସ୍ଥାନର ୫ ଏଟିଏମ ଲୁଟେରାଙ୍କୁ ଗିରଫ କରିଥିଲେ । ଏମାନଙ୍କ ବୟାନ ଅନୁଯାୟୀ ଅଗଷ୍ଟ ୨୦ ତାରିଖରେ ଏମାନେ ରାଜସ୍ଥାନରୁ ଆସି ଦାନଗଦି ଅଂଚଳରେ ଏକ ଭଡାଘର ନେଇ ରହିବା ସହ ଖୋର୍ଦ୍ଧା ଅଂଚଳର ମୋବାଇଲ ସିମ ବ୍ୟବସାୟୀ ତପନ ପାଖରୁ ୧୦ଟି ସିମ କିଣି ବ୍ୟବହାର କରୁଥିବା ଜଣାପଡିଥିଲା । ଏଥିନେଇ ଯାଜପୁର ଏସପି ରାହୁଲ ପିଆର ଧର୍ମଶାଳା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସଡିପିଓ ପ୍ରମୋଦ ମଲିକ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଉପସ୍ଥିତ ରହିଥିଲେ । ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ୍‌ ଚାଲାଣ କରାଯାଇଛି ।

## ଏସବିଆଇ ଏଟିଏମ ମେସିନ ଲୁଟ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ବଜାରରୁ ଗତ ୨୪ ତାରିଖରେ ଏସବିଆଇ ଏଟିଏମ ମେସିନ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ । ଲୁଟ ଘଟଣାରେ ସମ୍ପୃକ୍ତ ରାଜସ୍ଥାନର ୫ ଜଣ ଲୁଟେରା ସମେତ ଓଡିଶାର ୨ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୩ ଲକ୍ଷ ୬୮ ହଜାର ଟଙ୍କା, ନମ୍ବର ପ୍ଲେଟ ବଦଳାଯାଇ ଡକାୟତିରେ ବ୍ୟବହୃତ ହୋଇଥିବା ୨ଟି କାର, ଲୁଟ ଏଟିଏମ ମେସିନ, ଏଟିଏମ ଲୁଟରେ ବ୍ୟବହୃତ ସରଂଜାମ, ୮ଟି ମୋବାଇଲ ଫୋନ ଓ ୧୦ଟି ସିମ କାର୍ଡ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ଅଲୱର ଜିଲ୍ଲାର ଅସଲମ ହାସମି (୩୫), ସଦାମ ହୋସେନ (୩୦), ମହମ୍ମଦ ଜମସେଦ ଖାଁ (୩୨), ସୁମିତ କୁମାର (୩୨), ରାଜସ୍ଥାନ ଦୋସା ଜିଲ୍ଲାର ଏମପି ମିନା (୨୩)। ଏଥିସହ ଏମାନଙ୍କୁ ଦାନଗଦିଠାରେ ଘରଭଡା କରାଇଥିବା ଯାଜପୁର ରୋଡ ଥାନା ଦାନଗଦି ତ୍ରିଜଙ୍ଗା ଅଂଚଳର ସେକ ଇଦ୍ରିସ (୩୬) ଓ ଏମାନଙ୍କୁ ସିମ କାର୍ଡ ଯୋଗାଇଥିବା ଖୋର୍ଦ୍ଧା ଜିଲ୍ଲା ଚତ୍ରମା ଅଂଚଳର ତପନ କୁମାର ପ୍ରଧାନ (୨୮)। ସୂଚନା ମୁତାବକ ଧର୍ମଶାଳା ଥାନା ନେଉଳପୁର ବଜାରରେ ଥିବା ଏଟିଏମ ମେସିନକୁ ଗତ ୨୪ ତାରିଖ ରାତିରେ ଦୁର୍ବୃତମାନେ ତାଡି ନେଇଯାଇଥିଲେ । ଏହି ଘଟଣା ୨୫ ତାରିଖ ସକାଳେ ଜଣାପଡିବା ପରେ ଏସବିଆଇ ଏଟିଏମ ପ୍ରୋଜେକ୍ଟ ମ୍ୟାନେଜର ପ୍ରିତମ କୁମାର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ

## ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ: ଗୁରୁ ଦିବସ ପାଇଁ ନିଆରା ଉପହାର



ଭୁବନେଶ୍ୱର (ପିଏନ୍): ସେପ୍ଟେମ୍ବର ମାସ ୫ ତାରିଖ ଗୁରୁ ଦିବସକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ପୋଖରୀପୁଟ ଅ ଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଆରମ୍ଭ କରିଥିଲେ ସ୍ୱଦେଶୀ କ୍ରାନ୍ତି ମିଶନ୍। ନିଜର ଅଧ୍ୟବସାୟ ବଳରେ ଗୁରୁଙ୍କ ଉଦ୍ଦେଶ୍ୟରେ ପରିବେଶ ଅନୁକୂଳ ପେନ୍‌ଷ୍ଟାଣ୍ଡ ତିଆରି କରିଥିଲେ। ସ୍ଥାନୀୟ ଅ ଳରୁ କାଠି, ସୁତୁଲି, ସୂତା, ଷ୍ଟୋନ୍ ଏବଂ ମାଳିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ପେନ୍‌ଷ୍ଟାଣ୍ଡ ପ୍ରସ୍ତୁତ କରିଥିଲେ। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ସହଯୋଗ କରିଥିଲେ। ପେନ୍‌ଷ୍ଟାଣ୍ଡଗୁଡ଼ିକ ବେଶ୍ ଆକର୍ଷଣୀୟ ହେବା ସହ ଲୋକମାନଙ୍କ ମନ ଜିଣିପାରିଥିଲା। ଏସବୁକୁ ସେ ସୁଲଭ ମୂଲ୍ୟରେ ବଜାରରେ ଉପଲବ୍ଧ କରି ଯୋଗାଇଦେଇଥିଲେ। ଏ ସମ୍ପର୍କରେ ସୁଶାନ୍ତ କହନ୍ତି, ଦିନକୁ ଦିନ ବଢିବାରେ ଲାଗିଛି ପ୍ଲାଷ୍ଟିକ୍‌ର ବ୍ୟବହାର। ଯାହା ପରିବେଶକୁ ବିଗାଡ଼ିବାରେ ଲାଗିଛି। ମାଟିକୁ ଅନୁର୍ବର କରାଇବାଠାରୁ ଜଳକୁ ପ୍ରଦୂଷିତ କରିବା ଯାଏ ଅନେକ ସମସ୍ୟା ସୃଷ୍ଟି କରୁଛି ପ୍ଲାଷ୍ଟିକ୍। ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଯଥାଶୀଘ୍ର ହ୍ରାସ କରାଇବା ପାଇଁ ଏ ହେଉଛି ଆମର ଗୋଟିଏ ଛୋଟ ପ୍ରୟାସ। ସୂଚନାଯୋଗ୍ୟ, ବିଭିନ୍ନ ସମୟରେ ପର୍ବପର୍ବାଣୀ ହେଉ ବା ଉତ୍ସବ ହେଉ ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖି ଏହାକୁ କିପରି ପାଳନ କରିହେବ ସେ ଦିଗରେ ସୁଶାନ୍ତ କାର୍ଯ୍ୟ କରି ଆସୁଛନ୍ତି। ରାଖି ପୂର୍ଣ୍ଣମୀରେ ବିହନ ରାଖି ନିର୍ମାଣ ହେଉ ବା ହୋଲିରେ ପ୍ରାକୃତିକ ରଙ୍ଗର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ସେ ବିଭିନ୍ନ ବ୍ୟବହାର ସାମଗ୍ରୀ ନିର୍ମାଣ କରି ଲୋକଙ୍କ ନିକଟରେ ପହ ।ଇଛନ୍ତି। ସ୍ୱଦେଶୀ ସାମଗ୍ରୀ ବହୁଳ ବ୍ୟବହାର ହେଉ ଯାହା ପ୍ରକୃତି ସନ୍ତୁଳନରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଏହି ଅବସରରେ ଆଶାପ୍ରକଟ କରିଥିଲେ।

# କାହିଁ ସେ ଆରୁଣୀ, କାହିଁ ଏକଲବ୍ୟ...

"ଗୁରୁଃ ବ୍ରହ୍ମା, ଗୁରୁଃ ବିଷ୍ଣୁ, ଗୁରୁଃ ଦେବ ମହେଶ୍ୱର।" ଖଡ଼ି ଛୁଇଁବା ଦିନରୁ ହିଁ ଗୁରୁଙ୍କ ନାମ ଧରି ଜୀବନ ତରି ପାରିହେବାର ଦୁର୍ବାର ପ୍ରତିଜ୍ଞା କରନ୍ତି ଆମେ ସମସ୍ତେ। ଆମ ବାପା/ମାଆ ବି ଗୁରୁଜୀ/ଗୁରୁମା ବାପାଙ୍କ ସହିତ ସମାନ ବୋଲି ଶିଖାଇ ଦିଅନ୍ତି ଆଉ ଆମେ ମଧ୍ୟ ଗୁରୁ ହିଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବ୍ରତରେ ବ୍ରତୀ ହେଉଥିଲେ। ଗୁରୁ ସାକ୍ଷାତ ପରଂବ୍ରହ୍ମ ଆଉ ସେ ଆମ ପାଇଁ ପିତା ମାତା ବୋଲି ସେଇ ଦିନରୁ ହିଁ ଆମେ ଧରିନିଅନ୍ତି। ଟିକେ ଅଝଟ ହେଲେ କି ଖେଳିବାକୁ ଟିକେ ଚାଲିଗଲେ, ନହେଲେ ଟିକେ ଟିଭି ପାଖରେ ଫିଲ୍ମ ଦେଖିଦେଲେ-ଗୁରୁ ନାଁ କହିଦେଲେ ଏକାଥରରେ ଦୁଷ୍ଟାମି ଠପ୍, ସୁନାପିଲା ବସିପଡ଼ନ୍ତି ବହି ପାଖରେ। ଗୁରୁଙ୍କ ପାଠକୁ ଯେତିକି ଡର ନ ଥାଏ, ତା'ଠାରୁ ବେଶୀ ଡର ଥାଏ ତାଙ୍କ ଛାଟକୁ। ଗୁରୁ ହିଁ ଆମ ଭବିଷ୍ୟତର ନିର୍ମାତା ବୋଲି ଆମକୁ ଖୁବ୍ ଛୋଟବେଳୁ ଗଜଲ ଶିଖାଇଲା ଭଳି ଶିଖାଇଦିଆଯାଏ ଆଉ ଆମେ ଏହାକୁ ପଣକିଆ ଘୋଷିଲା ପରି ମନେରଖୁ। ଆଉ ଖାସ୍ ସେଥିପାଇଁ ଆମେ ଗୁରୁଙ୍କୁ କାହିଁ କେତେ ଊର୍ଦ୍ଧ୍ୱରେ ରଖି ପୂଜା କରିଥାଉ । ଆମ ଦେଶ ଭାରତବର୍ଷ ବିଦ୍ୟା ଏବଂ ପ୍ରଜ୍ଞାର ଭୂମି। ଏଠି ବାଛ ବିଚାର କିଛି ନ ଥାଏ । ଗୁରୁଙ୍କ ନିକଟରେ ସବୁ ଛାତ୍ର ସମାନ। ସେଥିପାଇଁ ପୁରାଣ କାହାଣୀ ବି ରହିଛି । ବିଶେଷକରି ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଶ୍ରେଷ୍ଠସ୍ଥାନ ଦିଆଯାଇଛି। ଅଜ୍ଞାନ ଅନ୍ଧକାରରୁ ଗୁରୁ ଜ୍ଞାନର ଉଜ୍ଜ୍ୱଳତା ମଧ୍ୟକୁ ନେଇଯାଆନ୍ତି ବୋଲି ତାଙ୍କୁ ବନ୍ଦନା କରାଯାଏ। ଫୁଲ ଚନ୍ଦନରେ ପୂଜା କରାଯାଏ ।

କିନ୍ତୁ ସେଦିନ ଆଉ ଆଜି ମଧ୍ୟରେ ଆକାଶ ପାତାଳ ଫରକ୍ । ନାହିଁ ସେଇ ଗୁରୁକୁଳ ଆଉ ନାହାନ୍ତି ସେଇ ଏକଲବ୍ୟ ଆଉ ଆରୁଣି । ଖାଲି ଯାହା ସେମାନଙ୍କ ସ୍ମୃତିକୁ ନେଇ ବଂଚିବାର କଥା। ବର୍ଷକରେ ଗୋଟାଏ ଦିନ ହିଁ ସେମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଚାଲେ ଆଉ ତା' ପରେ ସେମାନଙ୍କ ନାଁ ବି ମନେପଡ଼ିବା କଷ୍ଟକର। ସେବର ସ୍ଥିତି ଆଉ ଏବର ସ୍ଥିତିକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ-କର୍ପୂରର ଉଡ଼ିଯାଇଛି ଖାଲି କନା ପଡ଼ିଛି। ଏବେକାର ସ୍ଥିତି ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଗୁରୁମାନେ ହିଁ ନିଜକୁ ନିଜ ଗରିମାମୟ ସ୍ଥିତିରୁ ତଳକୁ ଖସାଇ ଆଣିବା ଭଳି ମନେହେଉଛି। ଏବେ ଶିକ୍ଷକମାନେ ପିଲାଙ୍କୁ ପାନ, ଖଇନି ଆଉ ଗୁଟୁକା ଆଣିବାକୁ କହନ୍ତି ତାହା ପୁଣି ସ୍କୁଲରେ କ୍ଲାସ ଚାଲିଥିବାବେଳେ। ଖାଲି ଏତିକି ନୁହେଁ, ଚାଟଶାଳୀରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଏବେ ଶୁଣିବାକୁ ମିଳୁଛି ଯୌନ ନିର୍ଯାତନାର କଳଙ୍କିତ କାହାଣୀ। ମନେହୁଏ ଏମାନେ ଗୁରୁ ନୁହେଁ, ପଶୁଠାରୁ ଆହୁରି ହୀନ। କଅଁଳା ଶିଶୁଟିଏ କ'ଣ ବା ବୁଝେ ଶିହରଣର ମାନେ! ଚକୋଲେଟ୍ ଦେବା ବାହାନାରେ ଅନେକ କିଛି ଘଟଣା ଘଟିଯାଏ ଅଥଚ ସେ ବୁଝିପାରେନା-ଏସବୁ କ'ଣ? ଘରେ ବାପାମାଆଙ୍କ ପାଖରେ ଏସବୁ କହିବାବେଳେ ସେ ବି ବୁଝିପାରେନି-ଏସବୁ ଖରାପ ଜିନିଷ, ତା'ର ମନେହୁଏ ଯେମିତି ଏହା ଗୋଟେ ନୂଆ ଜିନିଷ। ମାଆ ପାଖରେ ଏସବୁ କହିବାବେଳେ ନା ତା'ର ଥାଏ ଭୟ ନା ସଙ୍କୋଚ। ଏତେ କଅଁଳ ବୟସରୁ ଏସବୁର ଅର୍ଥ କେମିତି ବା ସେମାନେ ବୁଝିବେ। କିନ୍ତୁ ବାପାମାଆ ଲୋକଲଜ୍ଜା ଭୟରେ ଏହାକୁ ପ୍ରଘଟ କରନ୍ତି ନାହିଁ; କିନ୍ତୁ ଜୀବନସାରା ଜଳନ୍ତି ସେଇ କଥାକୁ ନେଇ। ସ୍କୁଲରେ ଏକାକୀ ଗଣିତ ବୁଝାଇବାର ବାହାନା କରି ଶିକ୍ଷକ ବି ଛାତ୍ରୀଙ୍କୁ ଡାକି ଏମିତି କେଳେଙ୍କାରୀ କରିଥିବାର ଅନେକ ନଜିର ରହିଛି। ଆଇନ୍, କାନୁନ ସବୁ ମାଲୁମ୍ ଥାଏ ସେମାନଙ୍କୁ। ତଥାପି ସେମାନେ ତଳକୁ ଖସିଯାଆନ୍ତି। ଯେଉଁ ବୟସରେ ସ୍କୁଲଛାତ୍ରୀମାନେ ପରିପକ୍ୱ ବି ହୋଇ ନ ଥାନ୍ତି, ସେଇ ବୟସରେ ସେମାନେ ହୁଅନ୍ତି ଶିକାର। ଧୂଳିଘର ଖେଳୁ ଖେଳୁ କଳଙ୍କର ଭାର ସେମାନଙ୍କୁ ବୋହିବାକୁ ପଡ଼େ ପରବର୍ତୀ ସମୟରେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କିଛି ଏପରି ପ୍ରଫେସର ଓ ରିଡ଼ର ବି ରହିଛନ୍ତି। ପ୍ରତିଦିନ ସମ୍ବାଦପତ୍ରରେ ଏ ନେଇ ଖବର ପ୍ରକାଶ ପାଇଥାଏ। ସେମିତି ଛାତ୍ରମାନେ ମଧ୍ୟ ସେମାନଙ୍କ ସ୍ୱାର୍ଥରେ ଆଂଚ ଆସିଲେ ଗୁରୁଙ୍କୁ ବାଡ଼େଇବାକୁ ପଛାଉ ନାହାନ୍ତି। ଶିକ୍ଷକମାନେ ପାଠ ଭୁଲ୍ ହେଲେ ଜୋର କରି ପଦେ ବି କହିପାରିବେନି। ମାଡ଼ ମାରିଲେ ଦଣ୍ଡିତ ହେବେ। ସରକାର ବି କରିଛନ୍ତି ଏ ନେଇ ଆଇନ୍। କିନ୍ତୁ ଖାଲି ଆଇନ୍ କରିଦେଲେ ଯେ ସବୁ ଠିକ୍‌ଠାକ୍ ହୋଇଯିବ ସେମିତି କିଛି ବେଦବାକ୍ୟ ନାହିଁ। ଆଇନ୍ ତା' ବାଟରେ ଆଉ କାରନାମା ବି ତା' ବାଟରେ। କିନ୍ତୁ ବିଗିଡ଼ି ଯାଏ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କ। ଚାଲେ ହଙ୍ଗାମା, କିନ୍ତୁ ପରିସ୍ଥିତିରେ ସୁଧାର ବିଲ୍‌କୁଲ୍ ଆସେନା। ପୁଣି ଦିନ କେଇଟା ପରେ ସେଇ ଏକାପରି ଘଟଣା ଘଟେ। ଏପରି କି ଆଇଆଇଟି ପରି ମର୍ଯ୍ୟାଦାସମ୍ପନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଏଭଳି କାଣ୍ଡ ଘଟୁଛି। ଅତୀତରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓ କେତେକ କଲେଜରେ ଏହି ଧରଣର ଘଟଣା ସାମ୍ନାକୁ ଆସିଥିଲା। କିନ୍ତୁ ସେଇ କିଛିଦିନ ଏହାକୁ ନେଇ ଢ଼େର ଖୋଳତାଡ଼ ଚାଲେ ଆଉ ତା' ପରେ ସବୁ ଚୁପ୍‌ଚାପ୍। ବୁଝିହୁଏନି ଏମିତି କାହିଁକି ହୁଏ! ଆମ ସରକାରଙ୍କର ଦାୟିତ୍ୱ କେବଳ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ଏତକ କରିଦେଲେ କାମ ସରିଗଲା ବୋଲି ସରକାର ଭାବନ୍ତି। କିନ୍ତୁ ଏହାସତ୍ତ୍ୱେ ଏଭଳି କାଣ୍ଡ ବାରମ୍ବାର ଘଟିବାରେ ଲାଗିଛି। ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଏଭଳି ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି। ଅଭିଯୁକ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ଦେବାର ଉଦ୍ୟମ କରାଯାଉଛି। ନେତା, ମନ୍ତ୍ରୀ ଆଉ ବିଭାଗୀୟ ବଡ଼ବଡ଼ିଆ ଅଫିସରମାନେ ଯେମିତି ଏମାନଙ୍କ ହାତରେ ନାଚୁଛନ୍ତି। ଅଭିଯୋଗ ଆଣିଥିବା ଛାତ୍ରୀ, ଛାତ୍ର କିମ୍ବା ସେମାନଙ୍କ ଅଭିଭାବକମାନଙ୍କୁ ଡରାଇ ହଲାଇ ଚୁପ୍ କରିଦିଆଯାଉଛି। ଫଳରେ ବହୁ ଅଭିଯୋଗ ହୁଏତ ଆସିବା ଆଗରୁ ନିଜ ନିଜ ଭିତରେ ସଲାସୁତରା ହୋଇଯାଉଛନ୍ତି।

ଏ ନେଇ ହୁଏ ବିଧାନସଭା ଘେରାଉ। ବିରୋଧୀଙ୍କୁ ମଉକା ମିଳିଯାଏ ଶାସକଙ୍କ ବିରୋଧରେ କହିବାକୁ। ଚାପ ବା ଅସନ୍ତୋଷକୁ ଦୃଷ୍ଟିରେ ରଖି ରିପୋର୍ଟ ତଲବ, ତଦନ୍ତ ଭଳି କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ସରକାର। ଫଳ କିନ୍ତୁ ମିଳେ ଶୂନ। ଘଟଣାକୁ ଯଥାସମ୍ଭବ ବାଟବଣା ଓ ନିଷ୍କ୍ରିୟ କରିଦେବାକୁ ଉଦ୍ୟମ ଚାଲେ। ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଏଭଳି ସ୍ଥିତି ହେଉଥିବାବେଳେ ସ୍କୁଲସ୍ତରରେ ଘଟୁଥିବା ଏଭଳି ଅନୈତିକ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ସେଭଳି ଆଖିଦୃଶିଆ ନୁହେଁ। ଯଦି କାର୍ଯ୍ୟାନୁଷ୍ଠାନ ସେତିକି ଦୃଢ଼ଭାବେ ନିଆଯାଆନ୍ତା କେହି ଜଣେ ବି ଶିକ୍ଷକ ଏମିତି ଘୃଣ୍ୟ କାମ କରିବାକୁ ସାହସ କରନ୍ତେ ନାହିଁ। କିଛିଦିନ ତଳେ ଓଡ଼ିଶାର ବିଭିନ୍ନ ଆବାସିକ ସ୍କୁଲରେ ଅସଂଖ୍ୟ ଯୌନ ନିର୍ଯାତନାର ପର୍ଦ୍ଦାଫାସ ହେଲା। ଏହି ଘଟଣା ସେ ସମୟରେ କିଛିଦିନ ବେଶ୍ ଚାଂଚଲ୍ୟକର ଥିଲା। ସାଧାରଣ ଜନତା ପୋଡ଼ାଜଳା, ରାସ୍ତାରୋକ ଆଦି କରିଥିଲେ। ଫଳରେ ପୋଲିସ୍ ବାଧ୍ୟ ହୋଇ ଅଭିଯୁକ୍ତଙ୍କୁ ଗିରଫ କଲା କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କୁ ଚାକିରୀରୁ ନିଲମ୍ବନ କଲେ। ହେଲେ ପରବର୍ତ୍ତୀ ସମୟରେ ସେହି ମାମଲାଗୁଡ଼ିକର ସ୍ଥିତି କ'ଣ ରହିଛି ବୋଲି ସରକାର କେବେ ଥରଟେ ଜାଣିବାକୁ ଚେଷ୍ଟା କରିନାହାନ୍ତି। ଯେଉଁ କୋମଳମତି ଝିଅମାନେ ନିର୍ଯାତନାର ଶିକାର ହୋଇଥିଲେ, ସେମାନଙ୍କର ଭବିଷ୍ୟତ କ'ଣ ହେଲା? ସେମାନଙ୍କ ଦେହରେ ଯେଉଁ କଳଙ୍କ ଲାଗିଲା, କିଏ ଲିଭାଇବ? ଜୀବନସାରା ସେମାନେ ଏହି ବୋଝ ବୋହିବେ ସିନା, କ୍ଷତ କିନ୍ତୁ ରହିଥିବ କାଳ କାଳକୁ। ତେବେ କିଛି ଚରିତ୍ରହୀନ ଗୁରୁଙ୍କ ପାଇଁ ସମଗ୍ର ଶିକ୍ଷକ ସମାଜ କଳଙ୍କର ବୋଝ ବୋହୁଛି। ଅଯଥାରେ କିଛି ଭଲ ଶିକ୍ଷକ ବି ଏହି ବିବାଦରେ ଛନ୍ଦି ହୋଇଯାଉଛନ୍ତି। ଏଭଳି ବ୍ୟାଧିକୁ ସହଜରେ ନିରାକରଣ କରିବା ସମ୍ଭବପର ନୁହେଁ। ଏଥିପାଇଁ ସଂପୃକ୍ତ ସରକାରୀ ବିଭାଗ ଏବଂ ଶିକ୍ଷକକୁଳ ମଧ୍ୟରେ ଏହାକୁ ନେଇ ବ୍ୟାପକ ସଚେତନତା ଏବଂ ଦାୟିତ୍ୱବୋଧର ବିକାଶ ହେବା ଜରୁରୀ। ଯେପରି ସମଗ୍ର ଶିକ୍ଷକ ଜାତିର ମର୍ଯ୍ୟାଦାରେ ଆଂଚ ନ ଆସେ, ସେଥିପ୍ରତି ବିଶେଷ ସଚେତନ ରହିବା ନିତାନ୍ତ ଜରୁରୀ।

**—ସୁକାନ୍ତି ରାଉତ**, ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼, କେନ୍ଦୁଝର-୨୧, ଫୋନ୍-୮୮୯୫୩୦୪୫୫୬

## ଡି.ଏ.ଭି କଳିଙ୍ଗ ନଗରଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ



ଭୁବନେଶ୍ୱର (ପିଏନ୍)- ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ନୂତନ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନେତୃତ୍ୱ ନେବାର ଲକ୍ଷ୍ୟ ନେଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଗଠିତ ଆକାଶ, ଅଗ୍ନି, ପୃଥିବୀ ଓ ତେଜସ୍ ନାମକ ଚାରି ସଦନର ପୂର୍ବତନ ସଦସ୍ୟମାନେ ନୂତନ ସଦସ୍ୟମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଉତ୍ସବରେ ୧୯୯୩ ବ୍ୟାଚ୍ ଭାରତୀୟ ବାୟୁସେନାର କମିସନ୍‌ଡ ଅଫିସର ତଥା ୧-ଓଡ଼ିଶା- ଏନ୍.ସି.ସି ବ୍ୟାଟେଲିଅନର କମାଣ୍ଡିଙ୍ଗ ଅଫିସର ଗ୍ରୁପ୍ କ୍ୟାପଟେନ୍ ସାକେତ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ ହିଁ ନେତୃତ୍ୱ ଗୁଣବତ୍ତାର ବିକାଶ ସାଧନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ଦୃଢ ମନୋବଳ ପୋଷଣ କରି ନିଷ୍ଠାପର ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ୍ କୁମାର ସାହୁ ନବନିର୍ବାଚିତ କ୍ୟାବିନେଟ୍ ସଦସ୍ୟମାନଙ୍କୁ ପଦ ଓ ଦାୟିତ୍ୱବୋଧର ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମଦନମୋହନ ପଣ୍ଡା, ଡି.ଏ.ଭି ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ସହ ନିର୍ଦ୍ଦେଶିକା ମ୍ୟାଡମ ସୁଜାତା, ବିଦ୍ୟାଳୟର ମ୍ୟାନେଜର ଡକ୍ଟର ଭାଗ୍ୟବତୀ ନାୟକ, ଡି.ଏ.ଭି ଚନ୍ଦ୍ରଶେଖରପୁରର ଭାଇସ୍ ଚେୟାରମ୍ୟାନ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ତଥା କାର୍ଯ୍ୟନିର୍ବାହୀ ଅଧକ୍ଷା ଇନ୍ଦିରା ଭଟ୍ଟାଚାର୍ଯ୍ୟ, ଡି.ଏ.ଭି ୟୁନିଟ୍-୮ର ଅଧକ୍ଷା ମ୍ୟାଡମ୍ ଈପ୍ସିତା ଦାଶ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ କ୍ୟାବିନେଟ ସଦସ୍ୟମାନଙ୍କୁ ନିଷ୍ଠାପରଭାବେ ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ପୁରାତନ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଦନର ସଂଯୋଜକ ଶ୍ରୀ ପ୍ରଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପର୍ଯ୍ୟବେକ୍ଷକ/ପର୍ଯ୍ୟବେକ୍ଷିକା ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହେବା ସହ ୟୁଟ୍ୟୁବ୍ ମାଧ୍ୟମରେ ଏହାର ସିଧାପ୍ରସାରଣ କରାଯାଇଥିଲା।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୭ନମ୍ବର ୱାର୍ଡ଼ ଅନ୍ତର୍ଗତ ଗୋପାଳପୁର ସର୍ବେଶ୍ୱର ମହିଳା ଆରୋଗ୍ୟ ସମିତି ଓ ମା'ଜାଗୁଲାଇ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ମେଲେରିଆ, ଡେଙ୍ଗୁ, ଡାଇରିଆ ଓ କରୋନା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ବକୁଦ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବେନ୍ଦ୍ରପ୍ରସାଦ ସୁତାର, ମହିଳା ସମିତି ସଭାନେତ୍ରୀ କବିତା ଦାସ, ଯଶୋବନ୍ତୀ ସାହୁ, ପ୍ରମିଳା ମଲିକ, କବିତା ମଲିକ, ଅଙ୍ଗନବାଡ଼ି କର୍ମୀ ବୀଣାପାଣି ସାହୁ, ସ୍ୱଚ୍ଛ ସାଥି ସୁଚିତ୍ରା ପାଳ, ଆଶା ଆରତୀ ମହାନ୍ତି ପ୍ରମୁଖ ସାମିଲ ହୋଇ ଲୋକମାନଙ୍କୁ ସ୍ୱାସ୍ଥ୍ୟରକ୍ଷା ସଂକ୍ରାନ୍ତରେ ସଚେତନ କରାଇଥିଲେ।

## ବସ୍ତାରେ ମାଙ୍କଡ଼ ଆତଙ୍କ

ବାଲେଶ୍ୱର (ପିଏନ୍)-ବସ୍ତା ଥାନା ଅନ୍ତର୍ଗତ ବାଗୁଲଡିହା ଗ୍ରାମବାସୀ ମାଙ୍କଡ଼ ଉପଦ୍ରବରେ ଲୋକେ ଘରର କବାଟ ବନ୍ଦ କରି ରହିଛନ୍ତି। ମାଙ୍କଡ଼ ଗ୍ରାମରେ ଉପଦ୍ରବ କରୁଥିବାରୁ ଲୋକେ ଭୟଭୀତ ହୋଇ ଘରେ ରହିଛନ୍ତି। ସେଥିରୁ ୨ଟି ମାଙ୍କଡ଼ ଲୋକମାନଙ୍କୁ ଆକ୍ରମଣ କରି ଆହତ କରୁଛନ୍ତି। ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ବନ୍ୟ ବିଭାଗକୁ ଖବର ଦେଲେ ମଧ ସେମାନେ ଆସୁନାହାନ୍ତି। ବନ ବିଭାଗର କର୍ମଚାରୀ ଥିବାରୁ ସେମାନେ ଏତେ ଅସୁବିଧା ସାମ୍ନା କରିବାକୁ ସାହସ କରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ଥର ପାଇଁ ସୁବାସିନୀ ଜେନା ବିଜେଡ଼ିର କାର୍ଯ୍ୟକାରୀ ସଭାପତି

ବାଲେଶ୍ୱର (ପିଏନ୍)- ବିଜୁ ଜନତା ଦଳକୁ ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ମହିଳା ଜନତା ଦଳରେ ବିଭିନ୍ନ ବିଭାଗରେ ପରିବର୍ତ୍ତନ କରିଛନ୍ତି। ବିଜୁ ମହିଳା ଜନତା କାର୍ଯ୍ୟକାରୀ ସଭାପତି ଭାବେ ପୁଣି ସୁବିସିନୀ ଜେନା ମନୋନୀତ ହୋଇଛନ୍ତି। ବାଲିଆପାଳ, ବସ୍ତା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମଗ୍ର ବାଲେଶ୍ୱର ବିଜେଡ଼ିରେ ଆନନ୍ଦର ଲହରୀ ଖେଳିଯାଇଛି।

## ୫-ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣକୁ ନେଇ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ)-ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ବେଗୁନିଆ ଓ ବୋଲଗଡ ବ୍ଲକରେ ତୃତୀୟ ପର୍ଯ୍ୟାୟରେ ୫-ଟିରେ ଅନ୍ତର୍ଭୁକ୍ତ କରାଯାଇ ୨୨ ଗୋଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିକରଣ କରାଯାଇଅଛି ।ଏ ନେଇ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଭୟ ବ୍ଲକର ବିଡିଓ,ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ବେଗୁନିଆ ନିର୍ବାଚନ ମଣ୍ଡଳୀ ପକ୍ଷରୁ କୃତଜ୍ଞତା ଜଣାଯିବା ସହ ଆଗାମୀ ଦିନରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିକରଣ କାର୍ଯ୍ୟ ଖସଡାରେ ସାମିଲ କରାଯିବା ପାଇଁ ଅନୁରୋଧ ଜଣାଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଆଖୁଆ ନାଳର ପୁନଃରୁଦ୍ଧାର ଓ ସେତୁ ନିର୍ମାଣର ଭୂମି ପୂଜନ ଉତ୍ସବ

ଧର୍ମଶାଳା,(ପି.ଏନ): ଆଖୁଆ ନାଳର ପୁନଃରୁଦ୍ଧାର ଓ ସେତୁ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ଯାଜପୁର ଜିଲା ରସୁଲପୁର ବ୍ଲକ ବନ୍ଧଡହି ପଂଚାୟତସ୍ଥ ଜୟସୁଙ୍ଗୁଡାସ୍ଥିତ ସପ୍ତେଶ୍ୱର ମନ୍ଦିର ପରିସରରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରୀ ନିର୍ବାଚନ ମଣ୍ଡଳୀର ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ଓଡିଶା ସରକାର ଜଳ ସମ୍ପଦ ବିଭାଗ , ଯାଜପୁର ଜଳ ନିକାଶ ଖଣ୍ଡ ପକ୍ଷରୁ ବ୍ରହ୍ମଣୀ ନଦୀରୁ ବାହାରି ବିରୂପା ନଦୀରେ ମିଶିଥିବା ଏହି ନାଳର ପୁନଃରୁଦ୍ଧାର ପାଇଁ ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି କାର୍ଯ୍ୟ ଚଳିତ ମାସରୁ ଆରମ୍ଭ ହୋଇ ଏହା ମେ ମାସ ୨୦୨୪ରେ କାର୍ଯ୍ୟ ଶେଷ ହେବ । ଏହି ସେତୁ ନିର୍ମାଣ ପରେ ଧର୍ମଶାଳା,ବରୀ ଓ ବଡଚଣା ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀ ଉପକୃତ ହୋଇପାରିବେ , ଏହି କାର୍ଯ୍ୟ ତୁରନ୍ତ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ ଓ ଆଗାମୀ ଦିନରେ ୧୧ କିମି ପର୍ଯ୍ୟନ୍ତ ଯାଇଥିବା ଏହି ନାଳ ଉପରେ ଆଉ ୩ଟି ସେତୁ ନିର୍ମାଣ କରାଯିବ ବୋଲି ବିଧାୟିକା ଶ୍ରୀମତି ଦାସ ସୂଚନା ଦେଇଥିଲେ । ଏବଂ ଏହି କାର୍ଯ୍ୟ ପାଇଁ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଶ୍ରେୟ ଦେଇଛନ୍ତି । କାର୍ଯ୍ୟକ୍ରମରେ ବନ୍ଧଡିହ ସରଂପଚ ବିକ୍ରମ କୁମାର ବେହେରା, ,ଯୁବନେତା ରାକେଶ ଦେଓ,ଗୋଳକୁଣ୍ଡ ପଂଚାୟତର ଯୁବନେତା ସହଦେବ ବେହେରା,ବିକ୍ରମ ନାୟକ,ବୁଲୁ ସାମଲ,ପ୍ରମୋଦ କୁମାର ସାହୁ,ସୁରେଶ ସାହୁ,ଅଶୋକ ଜେନା,ପ୍ରଦିପ ଜେନା,ତ୍ରିଲୋଚନ ରାଉତ,ସରୋଜ ସାହାଣୀ,ଭରତ ରାଉତ,ଉପେନ୍ଦ୍ର ବେହେରା,ଦ୍ରୁବ ଜେନା,ଜଗବନ୍ଧୁ ସାହାଣୀ,ସଦାନନ୍ଦ ସାହାଣୀ,ବରିଷ୍ଠ କର୍ମୀଙ୍କ ସମେତ ଯାଜପୁର ଜଳ ନିକାଶ ଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଶମ୍ଭୁ ପ୍ରକାଶ ମଲ୍ଲିକ ଓ କନିଷ୍ଠ ଯନ୍ତ୍ରୀ ରଂଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି,ଏହି ଆଖୁଆ ନାଳର ପୁନଃରୁଦ୍ଧାର ନିମନ୍ତେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ସ୍ଥାନୀୟ ଚାଷୀ ଦାବି କରିଥିଲେ । ତେବେ ଏହି ସେତୁ ହେବା ଫଳରେ ଅଂଚଳବାସୀ ବେଶ ଖୁସି ଅଛନ୍ତି । ଚାଷୀଙ୍କ ସମେତ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରଛାତ୍ରୀମାନେ ବେଶ ଉପକୃତ ହୋଇପାରିବେ ।

# ଓମ୍ ଶାନ୍ତି ଯୋଗପୀଠ ର ତ୍ରୟୋମାସିକ ସଭା

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ରାଜେନ୍ଦ୍ର ପାର୍କ ଠାରେ ଓମ୍ ଶାନ୍ତି ଯୋଗପୀଠ ର ତ୍ରୟୋମାସିକ ସଭା ସଭାପତି ନାରାୟଣ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ପୂର୍ବ ସଭାର ବିଷୟବସ୍ତୁ କୁ ଅନୁମୋଦନ କଲା ପରେ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଏଥିରେ ମୁଖ୍ୟତଃ ସଭ୍ୟମାନେ ନିୟମିତ ଯୋଗ କେନ୍ଦ୍ରରେ ଯୋଗଦାନ, ନୂତନ ସଭ୍ୟ ସଂଗ୍ରହ, ବାର୍ଷିକ ସଭ୍ୟ ଚାନ୍ଦା, ଆଗାମୀ ଦିନ ରେ ଯୋଗ କେନ୍ଦ୍ର ତରଫରୁ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ, ବାର୍ଷିକ ବଣଭୋଜି, ବାର୍ଷିକ ଅଡିଟ, ଗୁରୁ ପୂର୍ଣ୍ଣିମା, ଜଳସାଇ ଇତ୍ୟାଦି ପାଳନ ଉପରେ ସମସ୍ତ ସଭ୍ୟଙ୍କ ମତାମତ ନେଇଥିଲେ ।

# ମାଲକାନଗିରି ଜିଲ୍ଲା ଯୋଜନା କମିଟି ବୈଠକ, ବିଜୁଳି, ରାସ୍ତା ଓ ପାନୀୟ ଜଳକୁ ଗୁରୁତ୍ୱ

ମାଲକାନଗିରି, (ପି.ଏନ): ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଓ ଯୁବସେବା ଏବଂ ଗୃହ ତଥା ମାଲକାନଗିରି ଜିଲ୍ଲା ଯୋଜନା କମିଟି ଅଧକ୍ଷ ତୁଷାରକାନ୍ତି ବେହେରା ମାଲକାନଗିରି ଗସ୍ତରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ଯୋଜନା କମିଟି ବୈଠକରେ ଅଧକ୍ଷତା କରିଛନ୍ତି । ସେ ଏହି ଅବସରରେ କହିଛନ୍ତି ଯେ ଗୁରୁପ୍ରିୟା ସେତୁ ଉଦଘାଟନ ହେବାପରଠାରୁ ଜିଲ୍ଲାରେ ପାନୀୟ ଜଳ, ରାସ୍ତା ଇତ୍ୟାଦି କ୍ଷେତ୍ରରେ ବହୁତ ଉନ୍ନତି ସାଧନ ହୋଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧମରେ ଲୋକମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁବିଧା ପାଇପାରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଉଛନ୍ତି । ଲୋକମାନଙ୍କ ନିକଟରେ ଆମେ ଉତ୍ତରଦାୟୀ ହୋଇଥିବାରୁ ସେମାନଙ୍କର ଆବଶ୍ୟକତା ଓ ଉପଲବ୍ଧ ଭିତ୍ତିଭୂମି ଆଧାରରେ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାରେ ବିଜୁଳି , ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଓ ଜୀବନ ଜୀବିକା ଇତ୍ୟାଦି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ୫ଟି କୁ ସଫଳତା ର ସହ କାର୍ଯ୍ୟ କରି ଜିଲ୍ଲାରେ ବିକାଶମୁଖୀ କାର୍ଯ୍ୟକୁ ତ୍ୱରାନିତ କରିବା ନିମନ୍ତେ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରି ଟାଙ୍ଗୁଲ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣଚନ୍ଦ୍ର ବାକା, ଜିଲ୍ଲାପାଳ ବିଶାଲ ସିଂ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ପ୍ରମୁଖ ମଂଚାସୀନ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଂ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ବିଜୁ କେବିକେ ଯୋଜନାରେ ୨୦୨୧-୨୨ ଓ ୨୦୨୨-୨୩ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ଅର୍ଥ ରାଶି ଅନୁମୋଦନ କରାଯାଇଛି । ସେହିପରି ବିସ୍ତୃତ ଜିଲ୍ଲା ଯୋଜନା(ସିଡ଼ିପି)ରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୫୮୫ କୋଟି ୪୯ ଲକ୍ଷ ୨୩ ହଜାର ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୧୧୦ କୋଟି ୨୩ ଲକ୍ଷ ୯ ହଜାର ଟଙ୍କା ଅର୍ଥରାଶି ଅନୁମୋଦନ କରାଯାଇଛି । ଏଥି ସହିତ ଚିତ୍ରକୋଣ୍ଡା ବ୍ଲକ୍ ରେ ପ୍ରାଣୀଧନ ବିଭାଗ ପକ୍ଷରୁ ଏକ ନୂତନ ପ୍ରାଣୀଧନ ଚିକିତ୍ସାଳୟ ପ୍ରତିଷ୍ଠା କରିବାର ପ୍ରସ୍ତାବକୁ ମଧ ପାରିତ କରାଯାଇଛି । ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସାହୁ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଜିଲ୍ଲା ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଚଣ୍ଡିଆ ବାବା କ୍ରିକେଟ ଟୁର୍ଣ୍ଣାମେଂଟ : ଜୟନ୍ତୀଗଡ଼ ଚମ୍ପିୟାନ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକ ଭଣ୍ଡା ପଂଚାୟତ ଅନ୍ତର୍ଗତ ଭଣ୍ଡା ଖେଳ ପଡିଆ ଠାରେ ଗତ ଜୁନ ୨ ରୁ ଆରମ୍ଭ ହୋଇଥିବା ଚଣ୍ଡିଆ ବାବା କ୍ରିକେଟ ଟୁର୍ନାମେଂଟ କ୍ରିକେଟ ଖେଳର ଉଦଯାପନ ହୋଇ ଯାଇଛି । ଏଥିରେ ଅଂଚଳର ଷୋହଳ ଟି କ୍ରିକେଟ ଖେଳାଳି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଝାରଖଣ୍ଡ ଜୟନ୍ତୀଗଡ଼ ବାବୁସାହି ସହିତ ଚମ୍ପୁଆ ତ୍ରିରଙ୍ଗା ଇଲେଭେନ ମଧ୍ୟରେ ମୁକାବିଲା ହୋଇଥିଲା । ୧୨ ଓଭର କରି ଖେଳା ଯାଇଥିବା ମ୍ୟାଚ ରେ ଟସ ଜିତି ଚମ୍ପୁଆ ଦଳ ବ୍ୟାଟିଂ କରି ୧୦୩ ରନ କରିଥିବା ବେଳେ ଜୟନ୍ତୀଗଡ଼ ବାବୁସାହି ଦଳ ୯ ଓଭର ରେ ୧୦୪ ରନ କରି ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା । ଖେଳର ଧାରା ବିବରଣୀ ଯୁବ ଭାଷ୍ୟକାର ବରୁଣ କୁମାର ବେହେରା ପ୍ରଦାନ କରିଥିବା ବେଳେ ଅମ୍ପାୟାର ରଞ୍ଜନ କୁମାର ମହାନ୍ତ ଓ ମାନସ ରଞ୍ଜନ ମହାନ୍ତ ଖେଳକୁ ପରିଚାଳନା କରିଥିଲେ ।ଉଦଯାପନୀ ପୁରସ୍କାର ବିତରଣ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ବିନୟ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଭଣ୍ଡା ଗୋଷ୍ଠୀ ସ୍ୟାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଡାକ୍ତର ବୈକୁଣ୍ଠ ନାଥ ଦାସ, ସମ୍ମାନିତ ଅଥିତି, ବକ୍ତା ଭାବେ ଶିକ୍ଷାବିତ ବୈଦ୍ୟନାଥ ମହାନ୍ତ, କମଳା କାନ୍ତ ମହାନ୍ତ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରି ଭାତୃଭାବ ସୃଷ୍ଟି କରି ସୌହାଦ୍ୟ ପୂର୍ଣ୍ଣ ବାତାବରଣ ମଧ୍ୟରେ ଖେଳୁଆଡ଼ ମନୋଭାବ ନେଇ ଖେଳ ଖେଳିବାକୁ ମୁଖ୍ୟ ଅଥିତି ଖେଳାଳି ମାନଙ୍କୁ ଦିଗଦର୍ଶନ ଦେଇ କଠିନ ପରିଶ୍ରମ ଓ ଅଧବସାୟ ନେଇ ଆଗେଇ ଆସି ରାଜ୍ୟ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବାକୁ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅତିଥି ମାନେ ବିଜୟୀ ଚମ୍ପିୟାନ ବାବୁସାହି ଜୟନ୍ତୀଗଡ଼ କୁ ପ୍ରଥମ ପୁରସ୍କାର ୧୨ ହଜାର ଟଙ୍କାର ନଗଦ ଅର୍ଥ ରାଶି ଟ୍ରଫି ଓ ଚମ୍ପୁଆ ଦଳକୁ ୨ୟ ପୁରସ୍କାର ୯ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । କ୍ରିକେଟ ଖେଳକୁ ଚଣ୍ଡିଆ ବାବା କ୍ରିକେଟ ଟୁର୍ନାମେଂଟ କମିଟି ସଦସ୍ୟ - ସତ୍ୟଜିତ ବେହେରା, ହେମନ୍ତ କୁମାର ବେହେରା, ଗଜେନ୍ଦ୍ର ବେହେରା, ଲିପୁନ ନାଏକ, ହର ପ୍ରସାଦ ମହାନ୍ତ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇ ଥିଲା । କ୍ରିକେଟ ଖେଳ ଦେଖିବାକୁ ସହସ୍ରାଧିକ କ୍ରିକେଟ ପ୍ରେମୀ ମାନଙ୍କ ସମାଗମ ହୋଇଥିଲା ।

# ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ): ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳ ର ୩ ଗୋଟି ପଂଚାୟତ ଅଣ୍ଡରା ପାଲି, ଯୋଡାମ୍ବ , ପଣସପୁଟ ଗ୍ରାମ ପଂଚାୟତ ର ମଧ୍ୟାହ୍ନ ଭୋଜନପାଚିକା ଓ ସହାୟିକା ଙ୍କ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା !ଏହି ତାଲିମ୍ କେନ୍ଦ୍ର ରେ ତାଲିମ୍ ଦାତା ଭାବେ ସୁଶାନ୍ତ ପାତ୍ର, ପର୍ଯ୍ୟବେକ୍ଷକ ଭାବେ କୃପାସିନ୍ଧୁ ଆମ୍ବଗୁଡ଼ିଆ , ମଧ୍ୟାହ୍ନ ଭୋଜନ ନୋ ଡାଲ ଅଫିସର ହେମନ୍ତ କୁ ନାୟକ ଓ ସ୍ଥାନୀୟ ଆଂଚଳିକ କେନ୍ଦ୍ର ସଂଯୋଜକ ଶିବ ପ୍ରସାଦ ସରକାର ଉପସ୍ଥିତ ଥିଲେ !ତାଲିମ ଦାତା ଶ୍ରୀ ପାତ୍ର ମଧ୍ୟାହ୍ନ ଭୋଜନ ପରିଚାଳନା ସମ୍ବନ୍ଧୀୟ ଭିଡିଓ ଦେଖାଇ ତାଲିମ୍ ଦେଇଥିଲେ । ଏଥିରେ ୩ ଟି ପଂଚାୟତ ର ପ୍ରାୟ ୬୦ ଜଣ ପାଚିକା ଓ ସହାୟିକା ଉପସ୍ଥିତ ଥିଲେ । ସେମାନଙ୍କୁ ଖାଦ୍ୟ କିପରି ସ୍ୱଚ୍ଛ ଓ ସୁସ୍ଥ ବାତାବରଣରେ ପରିବେଷଣ କରାଯିବ, ଭିଟାମୀନ ଯୁକ୍ତ ଚାଉଳକୁ କିପରି ବ୍ୟବହାର ଓ ସୁରକ୍ଷା କରି ରଖାଯାଇ ପାରିବ, ସ୍କୁଲରେ ଥିବା ପୋଷଣ ବଗିଚାର ଯତ୍ନ ସହ ତାହାର ସଦ୍ ଉପଯୋଗ କରିବା, ପୁଷ୍ଟିକର ଓ ଖାଦ୍ୟ ସାର ଯୁକ୍ତ ପନିପରିବା ଦେଇ ରକ୍ତହୀନତା କିପରି ଦୂର କରା ଯାଇପାରିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ତାଲିମ୍ ରେ କୁହାଯାଇଥିଲା । ଶେଷ ରେ ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବି ପହଂଚି ଯେଉଁ ବିଷୟରେ ତାଲିମ୍ ଦିଆଗଲା ତାହାକୁ ସ୍କୁଲ ରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ତାପରେ ମାନପତ୍ର ଦେଇ ତାଲିମ୍ କାର୍ଯ୍ୟକ୍ରମ କୁ ଶେଷ କରିଥିଲେ ।

# ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବିଶେଷଜ୍ଞ କମିଟି ସଭା ଅନୁଷ୍ଠିତ

ଭଦ୍ରକ,(ପି.ଏନ) ଭଦ୍ରକ ଜିଲ୍ଲାରେ ଶିଳ୍ପ ପାର୍କ ପ୍ରକଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଏକ ବିଶେଷଜ୍ଞ କମିଟିର ସଭା ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶାନ୍ତନୁ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶ୍ରୀ କାର୍ତ୍ତିକନାଥ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ପ୍ରାଧ୍ୟାପକ ଶ୍ରୀ ହରେକୃଷ୍ଣ ନାୟକ, ସହାୟକ ପ୍ରଫେସର ଶ୍ରୀ ବଳରାମ ମିଶ୍ର, ଶିଳ୍ପପାର୍କର ଆର୍ଥିକ, ସାମାଜିକ, ପାରିବେଶିକ ଦିଗ ଉପରେ ନିଜର ମତ ଓ ମନ୍ତବ୍ୟ ରଖିଥିଲେ । କଇଥଖୋଲା ସରପ ଙ୍କ ପ୍ରତିନିଧି ଶ୍ରୀ ବଇରି ରଂଜନ ସାମଲ ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସରବରାହ ସମ୍ବନ୍ଧୀୟ ଉନ୍ନତୀକରଣ, ଭୂମିହରାଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରିବା ପାଇଁ ନିଜର ମତ ରଖିଥିଲେ । ସ୍ଥାନୀୟ ଅଞ୍ଚଳରେ ଉପୁଜୁଥିବା ଜଳସଙ୍କଟ ଉପରେ ଆଲୋକପାତ କରିବାର ଉତ୍ତରରେ ଅତିରିକ୍ତ ଜିଲ୍ଲାପାଳ ଯଥାଶୀଘ୍ର ସମାଧାନ କରିବାର ପ୍ରତିଶ୍ରୁତି ରଖିଥିଲେ । ଜାଗୁଲା ସରପ ଶ୍ରୀ ସୁରେଶ ସେଠୀ, କୌଶଳ ବିକାଶ ଇତ୍ୟାଦି ଉପରେ ନିଜର ମତ ପ୍ରକାଶ କରିଥିଲେ । ଜିଲ୍ଲା ନିବେଶ ଉନ୍ନତିକରଣ ଏଜେନ୍ସି ତରଫରୁ ସୁବ୍ରତ କୁମାର ସ୍ୱାଇଁ ଏବଂ ଓଷ୍ଟା ତରଫରୁ ଶଶିଭୂଷଣ ବେହେରା ଶିଳ୍ପ ପାର୍କ ଯୋଗୁଁ ହେବାକୁ ଥିବା ଆନୁସଙ୍ଗିକ ଉଦ୍ୟୋଗ, ସ୍ୱ-ରୋଜଗାର ଏବଂ ଅନ୍ୟାନ୍ୟ ଲାଭ ବିଷୟରେ ଜନପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ଭାରତର ଦ୍ରୁତ ଶିଳ୍ପାୟନ ଏବଂ ଏଥିରେ ଭଦ୍ରକ ଜିଲ୍ଲାର ସ୍ୱତନ୍ତ୍ର ଭୂମିକା ନେବ ବୋଲି ଆଶା ପ୍ରକାଶ କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ଜଳପ୍ରକଳ୍ପ ପାଇଁ ମିଳିତ ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ

କନ୍ଧମାଳ, (ପି.ଏନ): କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସିଥିବାରୁ ମିଳିତ ନାଗରିକ କମିଟି ପକ୍ଷରୁ ଜିଲାରେ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୦୦ମିଟର ଉଚ୍ଚତାରେ ଥିବା ୭୪ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବହୁଳ କନ୍ଧମାଳ ଜିଲାରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟା ଉକ୍ରଟ ରୁପ ଧାରଣ କରୁଥିବା ମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଫୁଲବାଣୀ ପୌର ପରିଷଦ ଦେଇ ବହି ଯାଉଥିବା ପିଲାସାଲକି ନଦୀର ପିଅନପଡା ଠାରେ ,ଏବଂ ଫୁଲବାଣୀ ସାହିଠାରେ ଦୁଇଟି ବ୍ୟାରେଜ ନିର୍ମାଣ ସହ ବଡସାଲୁଙ୍କି ନଦୀରେ କେରେଡି, ବିଶିପଡା ତୁଡିପାଜୁ ଓ ପର୍ଯ୍ୟଟନ ସ୍ଥଳ ପୁତୁଡି ଠାରେ ପ୍ରାଥମିକ ପର୍ଯ୍ୟାୟରେ ବ୍ୟାରେଜ ନିର୍ମାଣ କରାଗଲେ ଭୂପୃଷ୍ଠସ୍ଥ ଜଳସ୍ତର ବୃଦ୍ଧି ପାଇବ, କୃଷି ପାଇଁ ଜଳସେଚନ ଓ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଲିଖିତ ଭାବେ ଦିଆଯାଇଛି ।ଏହି ଦୁଇଟି ନଦୀରେ ୬ଟି ପ୍ରକଳ୍ପ ପାଇଁ ପ୍ରାୟ ୨୫-୩୦ କୋଟି ଟଙ୍କା ବ୍ୟୟ ହେବ । ଏହା ବ୍ୟତୀତ ଜିଲାର ଆଠ ଦଶଟି ଜଳପ୍ରପାତ ସ୍ଥାନରେ ବା ନିକଟବର୍ତ୍ତୀ ଅଂଚଳରେ ବ୍ୟାରେଜ ପାଇଁ ଜଳସମ୍ପଦ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ।ଜିଲାର ଅନ୍ୟ ୧୧ଗୋଟି ବ୍ଲକରେ ଥିବା ଛୋଟ ଛୋଟ ନଦୀରେ ତିନି ଚାରୋଟି ଲେଖାଏଁ ଆଡିବନ୍ଧ ବା ବ୍ୟାରେଜ ନିର୍ମାଣ କଲେ କନ୍ଧମାଳ ଜିଲାରେ ଜଳ ସମସ୍ୟା ଦୁର ହେବା ସହ ନଦୀ ଉପକଣ୍ଠରେ ଥିବା ଜମିକୁ ଜଳସେଚନ କରି ଚାଷୀମାନେ ଲାଭବାନ ହେବା ସହ ପାନୀୟ ଜଳ ସମସ୍ୟା ଦୁର ହୋଇପାରିବ ।କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ନଦୀରେ ବ୍ରିଜ ନଥିବା ହେତୁ ଲୋକମାନେ ଗଛରେ ତାର ବାନ୍ଧି ବିପଦସଂଙ୍କୁଳ ଅବସ୍ଥାରେ ନଦୀ ପାରି ହେଉଥିବାର ଦୟନୀୟ ଚିତ୍ର କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବର୍ଷା ଦିନେ ଚର୍ଚ୍ଚାର ବିଷୟ ହେଉଥିବାରୁ ଉକ୍ତ ସ୍ଥାନ ଚିହ୍ନଟ କରି ବ୍ୟାରେଜ ଓ ବ୍ରିଜ ଉଭୟ ଅଗ୍ରାଧିକାର ଭିତିରେ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।ଅନ୍ୟମାନଙ୍କ ମଧରେ ଭି ସୁବ୍ରମନ୍ୟମ, ମନୋଜ ଚୌଧୁରୀ, ଉମେଶ ପାତ୍ର, ସୁଧିର ମହାରଣା, ସ୍ୱରୁପାନନ୍ଦ ପମୁଖ ମନ୍ତ୍ରୀଙ୍କ ସହ ଆଲୋଚନା ରେ ଉପସ୍ଥିତ ଥିଲେ । ମନ୍ତ୍ରୀ ଏହା ତାଙ୍କ ନିଜ ବିଭାଗ ,ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଦେବାକୁ କହିଥିଲେ ।


2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday June 09, 2023 ଭୁବନେଶ୍ୱର ଶୁକ୍ର ବାର, ଜୁନ ୦୯,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com



## ଅମୃତମଣୋହୀ ଜମି ମହାପ୍ରଭୁଙ୍କୁ ଫେରାଇବା ଅଭିଯାନ: ବେଦାନ୍ତ ବିରୋଧୀଙ୍କ ବିଜୟ ଅଭିଯାନ ପ୍ରସ୍ତୁତି ବୈଠକ

ପୁରୀ,(ପି.ଏନ) : ପୁରୀ- କୋଣାର୍କ ବେଳାମାର୍ଗ ଉପକଣ୍ଠ ୨୨ ମୌଜା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଏକରର ମୂଲ୍ୟବାନ ଚାଷଜମି ଓ ଘରବାରୀ ଜମିକୁ ଶାଗମାଛ ଦରରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କରିବା ଆଳରେ ବେଦାନ୍ତ କମ୍ପାନୀ ହାତେଇଥିଲା । ବେଦାନ୍ତ କମ୍ପାନୀକୁ ଏହି ଜମି ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦର୍ଶାଇ ସରକାରୀ ଜମି, ସ୍ଥିତିବାନ ଜମି ସହ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ମଧ୍ୟ ହସ୍ତାନ୍ତର କରିଥିଲେ । ଯାହାକୁ ନେଇ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଥିଲା ଓ ପରବର୍ତ୍ତୀ ସମୟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ଏହାକୁ ଦୃଢ଼ ବିରୋଧ କରିଥିଲା । ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ବେଦାନ୍ତ ବିରୋଧୀମାନେ କେବଳ ପୁରୀ ସହର ନୁହେଁ, ରାଜ୍ୟବାସୀଙ୍କୁ ଏହି ବେଆଇନ୍ ଜମି ହସ୍ତାନ୍ତର ନେଇ ସଚେତନ କରିବା ସହ ନୂଆଦିଲ୍ଲୀ ଠାରେ ବିଶାଳ ଶୋଭାଯାତ୍ରାରେ ପ୍ରତିବାଦ କରିଥିଲେ । ଶେଷରେ ସୁପ୍ରିମକୋର୍ଟ ବେଦାନ୍ତ କମ୍ପାନୀର ଏହି ଜମି ଅଧିଗ୍ରହଣକୁ ବେଆଇନ ଦର୍ଶାଇ ୫ଲକ୍ଷ ଟଙ୍କା ଜରିମାନା କରିବା ସହ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ଯୋଗୁଁ ଭର୍ତ୍ସନା କରିଥିଲେ । ଏବେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେଥି ନେଇ ପୁଣି ସଂଘର୍ଷ ଆରମ୍ଭ କରୁଥିବା ଜଣାଯାଇଛି । ଆଜି ପୂର୍ବାହ୍ନରେ ପୁରୀ ସଦର ୨୨ ମୌଜା ଅନ୍ତର୍ଗତ ତଥା ବୀରହରେକୃଷ୍ଣପୁର ପଞ୍ଚାୟତର



ଉତ୍ତରେଶ୍ୱର ପଡା ଓ ରାହାଙ୍ଗୀରିଆ ଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆହୁତ ବୈଠକରେ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ ସତ୍ୟ, ନ୍ୟାୟ ଓ ଧର୍ମର ଦେବତା । ବେଦାନ୍ତ ଦ୍ୱାରା ଶୋଷିତ ଚାଷୀ ଆଜି ସେହି ମହାପ୍ରଭୁଙ୍କ ଉପରେ ସବୁ ଛାଡ଼ି ଦେଇ ରାଜରାସ୍ତା ଓ ନ୍ୟାୟାଳୟରେ ଲଢ଼େଇ ଜାରି ରଖିଥିଲା । ଶେଷରେ ସତ୍ୟ ନ୍ୟାୟ ଓ ଧର୍ମର ବିଜୟ ହୋଇଛି ବୋଲି କହିଛନ୍ତି । ପରେ ପରେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଫେରିପାଇବେ, ଏହି ମାମଲାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ର ବିଜୟ ଉତ୍ସବ ପାଳନ କରାଯିବା ପାଇଁ ଆୟୋଜିତ ବୈଠକରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ମିଶ୍ର, ପୁରୀ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ଅବିନାଶ ମିଶ୍ର, ଲକ୍ଷ୍ମଣ ପ୍ରଧାନ, ହରପ୍ରସାଦ ଜେନା, ପର୍ଶୁରାମ ପ୍ରଧାନ, ଗଙ୍ଗାଧର ପ୍ରଧାନ, ପ୍ରଭାକର ସ୍ୱାଇଁ, ମାନସ ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବେଦାନ୍ତର ଏହି ଜମି ଦଖଲକୁ ସୁପ୍ରିମକୋର୍ଟ ବେଆଇନ ଦର୍ଶାଇବା ନେଇ ଏକ ବିଜୟ ଉତ୍ସବ ପାଳନ ଓ ଏଥିରେ ସହଯୋଗ କରିଥିବା ପ୍ରଶାନ୍ତ ଭୂଷଣ ଓ ମେଧା ପାଟେକରଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହି ଅବସରରେ ନିଜ ଭାତହାଣ୍ଡିକୁ ସୁରକ୍ଷାର ସହ ଫେରି ପାଇବାର ଆଶା ସଞ୍ଚାର କରିଥିବା ପ୍ରମୁଖ ବିନ୍ଧାଣୀ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆୟୋଜିତ ବୈଠକରେ ସମସ୍ତ ଜମିହରା ପ୍ରଜାମାନେ ନିଜ ନିଜ ଜମି ଯେପରି ସୁରୁଖୁରୁରେ ଫେରିପାଇବେ ସେ ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ ।

## ବିଜେଡ଼ି ସରକାରରେ ମହିଳା ଅତ୍ୟନ୍ତ ଉପେକ୍ଷିତ ଓ ଅତ୍ୟାଚାରିତ : ପ୍ରଦେଶ ମହିଳା କଂଗ୍ରେସ



ଭୁବନେଶ୍ୱର ,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଅପର୍ଣ୍ଣାଧିର ସିଂ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ଗିତାଳି ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଅମିତା ବିଶ୍ୱାଳ ଓ ପ୍ରଭାବତି ପଟ୍ଟନାୟକ ଉଦ୍‌ବୋଧନ ଦେଇ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ବିଜେଡ଼ି ସରକାରର ମା'କୁ ସମ୍ମାନ ଏକ ଫମ୍ପା ଆହ୍ୱାନ ଏବଂ ବିଜେଡ଼ି ସରକାରର ୨୩ ବର୍ଷରେ ରାଜ୍ୟର ମହିଳା ଅତି ଶୋଚନୀୟ ଭାବେ ଉପେକ୍ଷିତ ଓ ଅତ୍ୟାଚାରିତ । ବିଜେଡ଼ିର ଚରିତ୍ର ମା'କୁ ନିର୍ଯ୍ୟାତନା । ବଲାଙ୍ଗୀର ଜିଲ୍ଲାର ଶାସକ ଦଳର ତୁଙ୍ଗ ନେତା ପୂର୍ବତନ ମନ୍ତ୍ରୀ, ତାଙ୍କ ପୁଅ ପୂର୍ବତନ ସାଂସଦଙ୍କ ବରୋଧରେ ବଧୂ ନିର୍ଯ୍ୟାତନା ଅଭିଯୋଗ ହୋଇ ମୋକଦ୍ଦମା ହୋଇଛି ଏବଂ ତଦନ୍ତ ଚାଲୁଛି । କେନ୍ଦ୍ରାପଡ଼ା ଜିଲ୍ଲାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତାଙ୍କ ବିରୋଧରେ ବଧୂନିର୍ଯ୍ୟାତନା ଅଭିଯୋଗ ବାଙ୍କି ଥାନାରେ ମୋକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲୁଛି । କେନ୍ଦ୍ରାପଡ଼ାର ସାଂସଦଙ୍କ ବିରୋଧରେ ନାରୀ ନିର୍ଯ୍ୟାତନର ଅଭିଯୋଗ ଟିଭି ଚ୍ୟାନେଲରେ ଆଖି ଦେଖୁଛି । ଜଗତସିଂହପୁର ଜିଲ୍ଲାର ଜଣେ ବିଧାନସଭା ସଦସ୍ୟ ତାଙ୍କ ବିରୋଧରେ ଜଣେ ଭଉଣୀର ଯୌନାଚାର ଅଭିଯୋଗ ରହିଛି । ଏ ସବୁ ଘଟଣା ପାଇଁ ଲଜ୍ଜାରେ ମୁଣ୍ଡ ନଇଁ ଯାଉଛି । କିନ୍ତୁ କାହିଁ ? ଆଇନ କେଉଁ ବାଟରେ ଯାଉଛି ? ତଦନ୍ତ ହେଉଛି କି ? ଯଦି ବା କେଉଁଠି ହେଉଛି ନିର୍ଦ୍ଦିଷ୍ଟ ସମୟସୀମାରେ ଶେଷ ହୋଇଛି କି ? ତଦନ୍ତ ଆଧାରରେ ଦଣ୍ଡ ବିଧାନ ହେଉଛି କି ? ବୋଲି ପ୍ରଶ୍ନ କରିଥିଲେ । ଓଡ଼ିଶାରେ ମହିଳା ସଂପର୍କିତ ଅପରାଧ ଅତ୍ୟନ୍ତ ଉଦ୍‌ବେଗ ଜନକ । ୨୦୧୨ରେ ଓଡ଼ିଶା ଉତର ପ୍ରଦେଶ ଓ ଆସାମ ପରେ ଦେଶର ତୃତୀୟ ରାଜ୍ୟ ଭାବେ ଥିଲା । ଯୌତୁକ ନିର୍ଯ୍ୟାତନା, ଧର୍ଷଣ, ଗଣଧର୍ଷଣ ପାରିବାରିକ ହିଂସା ଓ ବଳାତ୍କାର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ । (ଏହା ଘବସ୍ପସକ୍ଟଭବକ୍ଷ ଉକ୍ୱସଙ୍କର ଇଙ୍କକ୍ୱରବଙ୍କ ଜରମକ୍ଟକ୍ୱୟ ଘଉଜଇର ତଥ୍ୟ) ୨୦୨୦ ତୁଳନାରେ ୨୦୨୧ ରେ ବୃଦ୍ଧି ପାଇଥିଲା ୧୩୭.୮ ପ୍ରତିଶତ । ୨୦୨୩ ରେ ଓଡ଼ିଶା ବିଧାନସଭାରେ ଉପସ୍ଥିତ ଘରୋଇ ବିଭାଗର ଶ୍ୱେତପତ୍ର (ଡଷସସ୍ପର ଚବକ୍ଟରକ୍ୱ) ଅନୁସାରେ ମହିଳା ସଂପର୍କିତ ମାମଲା ବିଚାରାଧୀନ ହୋଇ ପଡ଼ିରହିଥିବା ହେଉଛି ୯୮.୬% ଭାରତ ବର୍ଷରେ ଏହା ସର୍ବାଧିକ । ଦଣ୍ଡବିଧାନ କ୍ଷେତ୍ରରେ ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ମାତ୍ର ୮.୩ ପ୍ରତିଶତ ଯାହାକି ସର୍ବଭାରତୀୟ ହାରାହାରି ୨୬.୬୭% ଠାରୁ ବହୁ ଦୁରରେ । ପିପିଲିର ବେବିନା, ବ୍ରହ୍ମଗିରୀର ମାଧବୀଲତା, ଟିକିରୀ ଶିକ୍ଷୟିତ୍ରୀ ଇତିଶ୍ରୀ, ଧର୍ମଶାଳାର ସ୍ମିତାରାଣୀ, କୁନ୍ଦୁଲୀ ଛାତ୍ରୀ, ନୟଗଡ଼ର ପରି ଓ ମମିତା ମେହେରଙ୍କ ପରି ଶହ ଶହ ପରିବାରକୁ ଦୀର୍ଘ ୨୩ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ନ୍ୟାୟ ଦେଇପାରିଲେ ନାହିଁ । ଏ ସବୁ ଘଟଣାରେ ଶାସକ ଦଳର ବିଧାୟକ, ମନ୍ତ୍ରୀ, ସାଂସଦ ଓ ନେତା ସଂପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଘଂଟ ଘୋଡାଉଛନ୍ତି । କଂଗ୍ରେସ ଦଳ ସଦାସର୍ବଦା ମହିଳାମାନଙ୍କ ସମସ୍ୟାକୁ ସମାଧାନ କରିବାକୁ ଆଗେଇ ଆସିଥାଏ । ସୁତରାଂ ଯଦି ଉପରୋକ୍ତ ସଦ୍ୟ ଘଟିତ ଏବଂ ଅନ୍ୟାନ୍ୟ ମହିଳା ନିର୍ଯ୍ୟାତନା ଓ ଦୁଷ୍କର୍ମ ଉପରେ ସରକାର ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ମହିଳା କଂଗ୍ରେସ ରାଜ୍ୟବ୍ୟାପି ଆନ୍ଦୋଳନ କରିବା ପାଇଁ ନିଷ୍ପତି ଗ୍ରହଣ କରିଛି । ଏଥିସହ ଏହି ପ୍ରସଙ୍ଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଆଜି ତୋଷାଳୀ ପ୍ଲାଜା ସ୍ଥିତ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମହିଳା କମିସନ ଅଧକ୍ଷା ମାନନୀୟା ଶ୍ରୀମତୀ ମିନତୀ ବେହେରା ମହିଳା କଂଗ୍ରେସ ତରଫରୁ ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ପ୍ରତିନିଧି ମଣ୍ଡଳୀଙ୍କ ସହ ବିସ୍ତୃତ ଆଲୋଚନା କରି ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ଅପର୍ଣ୍ଣାଧିର ସିଂ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭପତି ଗିତାଳି ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଅମିତା ବିଶ୍ୱାଳ, ପ୍ରଭାବତି ପଟ୍ଟନାୟକ ଙ୍କ ସମେତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଅଶୋକ ଦାସ, ଶିଲ୍ପିଶ୍ରୀ ହରିଚନ୍ଦନ, କୁସୁମ ପ୍ରଧାନ,ପୁଷ୍ପିତା ଦାସ,ନିରୁପମା ପାତ୍ର, ନିରୁପମା ଦାସ, ଚୈତାଳି ପଟ୍ଟନାୟକ, ଶ୍ରୀୟାସ୍ମିତା ପଣ୍ଡା, ଜୟଶ୍ରୀ ପାତ୍ର, ଶୁଭଦ୍ରା ମିଶ୍ର, କଳ୍ପନା ଆପଟ, ସୁନିତା ନାୟକ, ମିନତୀ ସାହୁ, କବିତା ଦାସ, ମଧୁସ୍ମିତା ପରିଡ଼ା, ସଂଧ୍ୟା ଖୁଂଟିଆ ପ୍ରମୁଖ ବହୁ ମହିଳା କଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ୯ରୁ କିଟ୍ ଓ କିସ୍‌ରେ ପ୍ରଥମ ଜନଜାତିୟ ଖେଳ ମହୋତ୍ସବ

ଭୁବନେଶ୍ୱର, (ପି.ଏନ): କିଟ୍ ଓ କିସ୍‌ରେ ଜୁନ୍ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରଥମ ଜନଜାତିୟ ଖେଳ ମହୋତ୍ସବ ଆୟୋଜିତ ହେଉଛି । ଏଥି ପାଇଁ କିଟ୍‌ରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଖେଳାଳି, କୋଚ ଓ ଅଫିସିଆଲ୍‌ଙ୍କ ରହଣି ଓ ଖାଦ୍ୟ ବ୍ୟବସ୍ଥା କିଟ୍‌ରେ କରାଯାଇଛି । ଭାରତର ୨୬ଟି ବିଭିନ୍ନ ରାଜ୍ୟରୁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଯୋଗ ଦେଉଛନ୍ତି । ଆଜିଠାରୁ ବିଭିନ୍ନ ପ୍ରାନ୍ତରୁ ଖେଳାଳି, କୋଚ୍ ଓ ଅଫିସିଆଲ୍ ଆସି କିଟ୍‌ରେ ପହଞ୍ଚିବାରେ ଲାଗିଛନ୍ତି । ତୀରନ୍ଦାଜୀ, ଦୌଡ଼କୁଦ, ଫୁଟ୍‌ବଲ, ହକି, କବାଡ଼ି, ଖୋ ଖୋ, ରଗ୍‌ବୀ, ସନ୍ତରଣ, ଭଲିବଲ୍ ଓ ଯୋଗାସନ ଆଦି ବିଭିନ୍ନ ବର୍ଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି । ଜନଜାତି ଛାତ୍ରଛାତ୍ରୀ ଓ ଖେଳାଳିଙ୍କ କ୍ରୀଡ଼ା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ପ୍ରଥମ ଥର ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି । କିଟ୍ ଓ କିସ୍ ଜନଜାତିଙ୍କ ଶିକ୍ଷା ଓ କ୍ରୀଡ଼ାକୁ ଯଥେଷ୍ଟ ଧ୍ୟାନ ଦେଉଥିବାରୁ କିଟ୍‌ରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି । ବିଗତ ୩୦ ବର୍ଷ ଧରି କିସ୍ ଜରିଆରେ ଜନଜାତିଙ୍କ ବିକାଶ କାର୍ଯ୍ୟ ଜାରି ରହିଛି । ଜାତୀୟସ୍ତରର ଏହି ପ୍ରତିଯୋଗିତା ପାଇଁ କେନ୍ଦ୍ର ସରକାର କିଟ୍ ଓ କିସ୍‌କୁ ଚୟନ କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଉଭୟ ଅନୁଷ୍ଠାନ ଏଥିପାଇଁ ଗର୍ବିତ ବୋଲି କହିଛନ୍ତି ।

## ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, (ପି.ଏନ): ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନ ପରିସରରେ ସୋମବାର ଏକ ଦୁଇଦିନିଆ କର୍ମଶାଳା ଆୟୋଜିତ କରାଯାଇଛି । ଭାରତ ସରକାରଙ୍କ ପିଏମ୍-ପୋଷଣ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ୧୬ ଜିଲ୍ଲାର ପାଚିକା ତଥା ସହାୟିକା ମାଷ୍ଟର ଟ୍ରେନରମାନଙ୍କର ପ୍ରଶିକ୍ଷଣ ୪ ପର୍ଯ୍ୟାୟରେ ଶେଷ ହୋଇସାରିଛି । ଆଜିର ଏହି ପର୍ଯ୍ୟାୟକୁ ମିଶାଇ ୧୯ ଜିଲ୍ଲାର ପ୍ରଶିକ୍ଷଣ ଶେଷ ହେବ । ଏହି ଅବସରରେ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ (ପାଚିକା ତଥା ସହାୟିକା) ଅଂଶ ଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେ ନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର ଆୟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟବସ୍ତୁ ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ମୁଖ୍ୟ ଅତିଥି ସମ୍ମିତ କୁମାର ନାୟକ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ, ସମସ୍ତ ପାଚିକା ତଥା ସହାୟିକାମାନେ ସ୍କୁଲ ପିଲାମାନଙ୍କୁ ନିଜର ଛୁଆ ଭାବି ଖାଦ୍ୟ ରାନ୍ଧନ୍ତୁ ଓ ପରଷନ୍ତୁ ବୋଲି ଅନୁରୋଧ କରିଥିଲେ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ କହିଲେ ଯେ ପାଚିକା ତଥା ସହାୟିକାମାନେ ତାଙ୍କ କାର୍ଯ୍ୟ ଦ୍ୱାରା ନିଜ ଅଞ୍ଚଳର ଭବିଷ୍ୟତଙ୍କୁ ତିଆରି କରୁଛନ୍ତି ତେଣୁ ଏହାକୁ ଏକ ଗୁରୁଦାୟିତ୍ୱ ରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ସସ୍ମିତା ପଟ୍ଟନାୟକ, ଉପ-ନିର୍ଦ୍ଦେଶକ ଯୋଗେନ୍ଦ୍ର ମାଝୀ, ବିତ ଅଧିକାରୀ ଶ୍ରୀଯୁକ୍ତ ଜୟକୃଷ୍ଣ ପାତ୍ର ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା, ଉତମ ଗୁଣବତାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ମାନର ସାମଗ୍ରୀ ବ୍ୟବହାର କରିବା, ପୁଷ୍ଟିକର ଚାଉଳ ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଗଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସ୍କୁଲମାନଙ୍କରେ ମଧ୍ୟାହ୍ନ ଭୋଜନରେ ପୁଷ୍ଟି ଉଦ୍ୟାନ (ରୋଷେଇ ବଗିଚା)ର ଉପଯୋଗିତା ଉପରେ ଆଲୋଚନା କରାଯିବ । ପାଚିକା ତଥା ସହାୟିକାମାନଙ୍କର ତାଲିମ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ତଥା ମତାମତ ଗ୍ରହଣ କରାଯାଇ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯିବ । ପରିଶେଷରେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ ଏବଂ ଫୁଲନଖରାସ୍ଥିତ ଅକ୍ଷୟପାତ୍ର ଫାଉଣ୍ଡେସନ୍ ଟ୍ରଷ୍ଟର କେନ୍ଦ୍ରୀୟ ରୋଷେଇଶାଳା (ସେଂଟ୍ରାଲାଇଜଡ୍ କିଚେନ୍) କୁ ପରିଦର୍ଶନରେ ନିଆଯିବ ।

## ଫ୍ୟାବଇଣ୍ଡିଆ ଆଣିଛି 'ବିଗ୍ ସମର'

ନୂଆଦିଲ୍ଲୀ,(ପି.ଏନ): ଫ୍ୟାବଇଣ୍ଡିଆ ଗ୍ରୀଷ୍ମ ଋତୁପାଇଁ ଆଣି ଦେଇଛିନ୍ତବିଗ୍ ସମରନ୍ତ । ଏହା ଏକ ସେଲିବ୍ରେସନ, ଯେଉଁଠାରେ ଫ୍ୟାଶନର ପରମ୍ପରା ଏବଂ କ୍ୱାଲିଟିର ଆଫୋର୍ଡ଼ିବିଲିଟି ସହ ଏକ ସୁନ୍ଦର ମିଳନ ଦେଖିବାକୁ ମିଳିବ । ଏହା ଭୁବନେଶ୍ୱରର ଆପଣଙ୍କର ନିକଟତମ ଷ୍ଟୋର ସହ ୩୫୦ ରୁ ଅଧିକ ଷ୍ଟୋର୍ ସହିତ ଅନଲାଇନରେମଧ୍ୟ ଉପଲବ୍ଧ ରହିବ । ଆପଣ ନିଜ ୱାର୍ଡ଼ରବକୁ ପୁନଃ ସଜାଡୁଛନ୍ତି, ଅଥବା ଏକ ସମାରୋହରେ ଯୋଗ ଦେଉଛନ୍ତି କିମ୍ବା ଛୁଟିଦିନ ଯୋଜନା କରୁଛନ୍ତି, ଫ୍ୟାବଇଣ୍ଡିଆର ନୂତନ ଡ଼ିଲ ଏବଂ ଷ୍ଟାଇଲ ଆପଣଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛି । ପୋଷାକ ବ୍ୟତୀତ ବିଗ୍ ସମର ସେଲିବ୍ରେସନ ଆହୁରି ଅଧିକ କିଛି ଆଣିଦେଇଛି । ଏହା ସହିତ ହ୍ୟାଣ୍ଡକ୍ରାଫ୍ଟ, ହୋମ ଡ଼େକର ପ୍ରଡକ୍ଟସ ମଧ୍ୟ ଉପଲବ୍ଧ ହେବ । ସେଠାରେ ଏକ ପରସନାଲ କେୟାର ପ୍ରଡକ୍ଟର ସମ୍ପୂର୍ଣ୍ଣ ସମ୍ଭାର ଯାହା ଆଟକ୍ୱିନ ହେବା ସହ ଏବଂ ନାଚୁରାଲ ବାୟୋ-ଆକ୍ଟିଭିଟିସ ଯୁକ୍ତ ଅଟେ ।କନ୍‌ଟେମ୍ପରାରି କୁର୍ତା, ଶାଢ଼ୀ, ସାର୍ଟ ଏବଂ ଟ୍ରାଉଜର କିଣିବା ସହ ଖୁବ ସୁନ୍ଦର ସୂକ୍ଷ୍ମ ଭାରତୀୟ ଅଳଙ୍କାର, ବ୍ୟାଗ ଏବଂ ଫୁଟୱେର ତଥା ଟ୍ରେଣ୍ଡି ଆସେସୋରିଜ୍ ଆଦି କିଣନ୍ତୁ । ସଫ୍ଟ ଲିନେନ୍ସ, ମଡ଼ର୍ଣ୍ଣ ଡେକୋରେଟିଭ ଆଇଟମସ, ଷ୍ଟରଡ଼ି ଫର୍ନିଚର ଏବଂ ସୁନ୍ଦର କିଚେନୱେର ସହିତ ହୋମ କଲେକ୍ସନ ମଧ୍ୟ ଏଠାରେ ଉପଲବ୍ଧ ରହିଛି । ଫ୍ୟାବଇଣ୍ଡିଆରେ ବିଗ୍ ସମର ସେଲିବ୍ରେସନ ବିଷୟରେ ଫ୍ୟାବଇଣ୍ଡିଆର (ପ୍ରେସିଡେନ୍ଟ, ସେଲସ)ଅଜୟ କପୁର କହିଛନ୍ତି, ନ୍ତଦୈନନ୍ଦିନ ଗୃମିଙ୍ଗ ପାଇଁ ହେଉଏବଂ ଅବକାଶ ପାଇଁ ହେଉ - ଗ୍ରୀଷ୍ମ ସମୟରେ ଆମର ଗ୍ରାହକମାନେ ସର୍ବଦା ଋତୁ ଅନୁଯାୟୀ ସେମାନଙ୍କ ୱାର୍ଡ଼ରବରେ ଷ୍ଟକ୍ ରଖିବାକୁ ପସନ୍ଦ କରନ୍ତି । ଆମେ ୨୦୨୩ର ଗ୍ରୀଷ୍ମକୁ ଫ୍ୟାବଇଣ୍ଡିଆର କ୍ୟୁରେଟେଡ୍ ଅଫର୍ ଏବଂ ଏକ୍ସପେରିଏନ୍ସ ସହିତ ଏକ ସେଲିବ୍ରେସନରେ ପରିଣତ କରିବାକୁ ଚାହୁଁ । ପୋଷାକ, ଆସବାବପତ୍ର କିମ୍ବା ଦୈନନ୍ଦିନ ସୌନ୍ଦର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ଆମର ଗ୍ରାହକମାନଙ୍କ ପାଇଁ ସେମାନଙ୍କର ଗ୍ରୀଷ୍ମଶୈଳୀ ଉନ୍ନତ କରିବା ସହିତ ସେମାନଙ୍କ ଚାହିଦାକୁ ଅପଗ୍ରେଡ଼ କରିବା ପାଇଁ ଏହା ଏକ ଅବିଶ୍ୱସନୀୟ ସୁଯୋଗ । ଏହି କଲେକ୍ସନ ଗୁଡ଼ିକରେ ଉଲ୍ଲେଖନୀୟ ଅଫର ସହିତ ଏହା ଗ୍ରାହକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ବିସ୍ତାର କରିବ ନିଶ୍ଚିତ ।ନ୍ତ ଫ୍ୟାବଇଣ୍ଡିଆ ଏହାର ତୁଳନାତ୍ମକ ହସ୍ତତନ୍ତ ଏବଂସସଟେନେବଲ ପ୍ରଡକ୍ଟସ ପାଇଁ ଜଣାଶୁଣା କାରଣ ଏହାର ପ୍ରତ୍ୟେକ ଉତ୍ପାଦ ଖୁବ ସତର୍କତାର ସହ କ୍ରୟ ହୋଇଥିବା ମ୍ୟାଟେରିଏଲସରୁ ଏବଂ ସମଗ୍ର ଭାରତର ହସ୍ତତନ୍ତ କାରିଗରଙ୍କ ଏକ ଟିମ ଦ୍ୱାରା ପ୍ରସ୍ତୁତ । ପ୍ରତ୍ୟେକ ଫ୍ୟାବଇଣ୍ଡିଆ ଉତ୍ପାଦ ଦେଶର ଉନ୍ନତସଂସ୍କୃତିକୁ ପ୍ରୋତ୍ସାହିତ କରିଥାଏ । ବ୍ରାଣ୍ଡର କ୍ୱାଲିଟି ଆଣ୍ଡ ସୋସିଆଲ ରେସପନ୍ସିବିଲିଟିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଏହି କଲେକ୍ସନଗୁଡ଼ିକ କେୟାର ଆଣ୍ଡ ପ୍ରିସିସନ ସହିତ ପ୍ରସ୍ତୁତ ହୋଇଛି ଏବଂ ଏହା ଆପଣଙ୍କ କଲେକ୍ସନରେ ଏକ ଚମତ୍କାର ଯୋଗଦାନ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray